ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ଭାଜପା ପକ୍ଷରୁ ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପଡିଆ, ୧।୧୧ (ଭାସ୍କର ରାଓ)

ଭାରତୀୟ ଜନତା ପାର୍ଟି ପକ୍ଷରୁ ନୂତନ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ବିଡିଓ ରାମକୃଷ୍ଣ ନାୟକଙ୍କ ବଦଳି ହେବା ପରେ ନୂତନ ବିଡିଓ ଭାବେ ଶତପଥୀ ଯୋଗ ଦେଇଛନ୍ତି। ପଡ଼ିଆ ବ୍ଲକ ମଣ୍ଡଳ ସଭାପତି ପି.ଭେଙ୍କଟେଶ୍ୱର ରାଓ, ବିଧାୟକ ପ୍ରତିନିଧି କୋଟାମ ବାଲାୟା,ଦଳେଇ ବାବାନା, ମିଡିଆ ପ୍ରଭାରୀ କେ. ଭାସ୍କର ରାଓ, ଦିଲୀପ ମଣ୍ଡଳ ଓ ଅଶୋକ ପାଲ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ସ୍ୱାଗତ କରିଥିଲେ।

### ଆମ୍ବୁଲାନ୍ସ ଧକ୍କାରେ ୨ ପୋଢ଼ ମୃତ, ମାଲିକ ଗୁରୁତର

କୁନ୍ଦୁରା, ୧।୧୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଝିଲିଗାଁ ଛକ ନିକଟରେ ଆମ୍ବୁଲାନ୍ସ ଧକ୍କାରେ ୨ଟି ପୋଢଙ୍କର ମୃତ୍ୟୁ ହୋଇଥିବା ବେଳେ ମାଲିକ ଗୁରୁତର ଅବସ୍ଥାରେ ଚିକିତ୍ସା ହେଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଓଡି ୦୨ ବିସି ୦୭୯୮ ଏକ ଆମ୍ବୁଲାନ୍ସ ବୈପାରିଗୁଡ଼ାରୁ ରୋଗୀ ଛାଡ଼ି ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଖବର ଜଣାପଡିବା ପରେ ପ୍ରଥମେ ସାଥୀ ସାମାଜିକ ସଂଗଠନ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହା ପରେ କୁନ୍ଦୁରା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତ ପୋଢଙ୍କୁ ସେଠାରୁ ନେଇ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଥିଲେ। ଏ ନେଇ ୧୧୩/୨୩ ରେ ଏକ ମାମଲା ରୁଜୁ ହୋଇଛି। ଗୁରୁତର ଜଣକ ବୈପାରିଗୁଡ଼ା ବ୍ଲକ ମାଠପଡ଼ା ପଞ୍ଚାୟତ ମସିଆଗୁଡ଼ା ଗ୍ରାମର ଲବ ଦଳେଇ। ସେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ପୋଢ କିଣିବା ପରେ ଘରକୁ ନେଇ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

### ଦୁର୍ଘଟଣାରେ ବାଇକ ଚାଳକ ମୃତ

ହିଞ୍ଜିଳିକାଟୁ, ୧।୧୧ ( ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ୫୯ ନଂ ଜାତୀୟ ରାଜପଥ ଚୈତନ୍ୟପଡାଠାରେ ରାସ୍ତା କାମରେ ନିୟୋଜିତ ଏକ ଭାରୀଯାନ ସହ ବାଇକ ଧକ୍କା ହେବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଗଡ ଥାନା କେନ୍ଦୁଆପଲ୍ଲୀ ଗ୍ରାମର ନୀଳକଣ୍ଠ ତ୍ରିପାଠୀ(୫୨)। ନୀଳକଣ୍ଠ ବାଇକ ଯୋଗେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ଚୌତନ୍ୟପଡା ଛକ ନିକଟରେ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ କରୁଥିବା ଏକ ଭାରୀଯାନ ପଛପଟେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହିଞ୍ଜିଳି ପୁଲିସ ଉଭୟ ଗାଡ଼ିକୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ମୃତକଙ୍କ ଭାଇ ମନୋଜ ତ୍ରିପାଠୀଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ମାମଲା ରୁଜୁ କରିଛି।

# କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଧାରଣା

କାଳିମେଳା, ୧।୧୧ (ଜୀବନ କୃଷ୍ଣ ଦାସ)

ମାଲକାନିଗିରି ଜିଲା କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀମାନେ ବୁଧବାର ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଡାକ୍ତରଙ୍କ ସହ କେତେଜଣ କର୍ମଚାରୀଙ୍କ ବାଦବିବାଦକୁ ନେଇ କର୍ମଚାରୀମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ୨ ଡାକ୍ତରଙ୍କ ମଧ୍ୟରୁ ଜଣେ ଡାକ୍ତର ଦେବଦାସ ସାମନ୍ତରାୟ ପିଜି ପାଇଁ ରିଲିଭ୍ ହେବା ପରେ ଓ ଅନ୍ୟ ଜଣେ ଡାକ୍ତର ଅବଦେଶ ପଣ୍ଡାଙ୍କର କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଭେଜାଙ୍ଗିୱାଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଛି। କିନ୍ତୁ ଡାକ୍ତର ପଣ୍ଡାଙ୍କୁ ଭେଜାଙ୍ଗିୱାଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଛାଡିବା ପାଇଁ କର୍ମଚାରୀମାନେ ଧାରଣାରେ ବସିଥିଲେ। ସ୍ୱାସ୍ଥ୍ୟକର୍ମୀମାନେ କିଛି ସମୟ ଲାଗି ଧାରଣାରେ ବସିଥିବା ଯୋଗୁ ରୋଗୀ ସେବା ବ୍ୟାହତ ହୋଇଥିଲା । ଏ ସଂକ୍ରାନ୍ତରେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଅବିଦ୍ ହୁସେନ୍ ଖାନ କହିଛନ୍ତି, ଘଟଣାର ସମାଧାନ ହୋଇଛି। ସେମାନଙ୍କୁ ବୁଝାଶୁଝା କରି ଧାରଣାରୁ ଓହରିଯିବାକୁ ନିବେଦନ କରିଛି। ସେମାନେ ଧାରଣାରୁ ଉଠି ଯାଇଛନ୍ତି । ସିଡିଏମ୍‌ଓଙ୍କ ଦ୍ୱାରା ତଦନ୍ତକରି ଏହାର ସମାଧାନ କରିବାକୁ ସେ କହିଛନ୍ତି ।



ଧାରଣାରେ ବସିଥିବା କର୍ମଚାରୀ ।

# ସିଆର୍‌ପିଏଫ୍‌ର ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ମାଲକାନଗିରି, ୧।୧୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ସିଆର୍‌ପିଏଫ୍ ୨ୟ ବାଟାଲିୟନ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସୁକ୍‌ମା ଜିଲା ସାବରୀନଗର ପରିସରରେ ସିଆର୍‌ପିଏଫ୍ ଦ୍ୱିତୀୟ ବାଟାଲିୟନ ପକ୍ଷରୁ ଏହି ସପ୍ତାହ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ବାଟାଲିୟନ କାର୍ଯ୍ୟାଳୟ ପ୍ରାଙ୍ଗଣ ପରିସରରେ ଦୁର୍ନୀତି ପ୍ରତିରୋଧ ଏବଂ ଦେଶକୁ ସମର୍ପିତ ଥିମ୍ ସହ ପାଳନ କରାଯାଇଥିଲା। ଏହି ଅଭିଯାନରେ କମାଣ୍ଡାଣ୍ଟ ରତିକାନ୍ତ ବେହେରା କହିଛନ୍ତି, ଦେଶର ଅର୍ଥନୀତିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପାଇଁ ଦୁର୍ନୀତି ଏକ ପ୍ରମୁଖ ପ୍ରତିବନ୍ଧକ । ଦୁର୍ନୀତି ଦୂର କରିବା ପାଇଁ ସାଧାରଣ ନାଗରିକ, ସରକାରୀ କର୍ମଚାରୀ ଓ ବେସରକାରୀ କ୍ଷେତ୍ର କର୍ମଚାରୀମାନେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ । ପ୍ରତ୍ୟେକ ନାଗରିକ ସଜାଗ ରହିବା ଆବଶ୍ୟକ ଏବଂ ସଚ୍ଚୋଟ ଏବଂ ଅଖଣ୍ଡତାର ଉଚ୍ଚ ମାନ ପାଇଁ ପ୍ରତିବନ୍ଧକ ହେବ। ଦୁର୍ନୀତି ବିରୋଧରେ ଲଢ଼େଇ କରିବାକୁ ସମର୍ଥନ କରାଯିବ । ଦେଶରେ ଦୁର୍ନୀତିର ପ୍ରଭାବକୁ ପ୍ରତିରୋଧ ପାଇଁ ସେ ସାଧାରଣ ନାଗରିକ, ସରକାରୀ କର୍ମଚାରୀ ଏବଂ ଅଧିକାରୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କାରଯିବ। ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନରେ ସଚେତନତା ଏବଂ ସତର୍କତା ସପ୍ତାହ ପାଳନ କରାଯାଏ । ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ଅଧିକାରୀ ଏବଂ କର୍ମଚାରୀଙ୍କ ପ୍ରତି ଅଖଣ୍ଡତାର ଶପଥ ଗ୍ରହଣ କରିଥିଲେ। ଶପଥ ଗ୍ରହଣ ସମାରୋହରେ ଦ୍ୱିତୀୟ କମାଣ୍ଡିଂ ଅଫିସର ପବନ କୁମାର, ଅନାମୀ ଶରଣ, ଡେପୁଟି କମାଣ୍ଡାଣ୍ଟ ଟି. ସାମସନ ରାଜୁ, ଭାସ୍କର ଭଟ୍ଟାଚାର୍ଯ୍ୟ ଓ ଅନ୍ୟ ଯବାନମାନେ ଉପସ୍ଥିତ ଥିଲେ।




ବିଏସ୍‌ଏଫ୍ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

# ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବ ପିଢ଼ିଙ୍କ ବିଶାଖାପାଟଣା ଗସ୍ତ



ବିଶାଖାପାଟଣା ଗସ୍ତ କରିଥିବା ଯୁବତୀ ଯୁବକ।

ମାଲକାନଗିରି, ୧।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବତୀଯୁବକ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଗସ୍ତ କରିଛନ୍ତି। ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରତାପ ସିଂ ବୁଧବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀ, ଘନବେଡା, ଅଣ୍ଡ୍ରାପାଲ୍ଲୀ ଓ ଯୋଡାମ୍ବ ଆଦି ଗ୍ରାମରେ ବସବାସ କରୁଥିବା ୯ଜଣ ଯୁବତୀ ଓ ୧୧ ଜଣ ଯୁବକ ୨୦ ଯୁବତୀଯୁବକଙ୍କୁ ବିଶାଖାପାଟଣା ପଠାଇଛନ୍ତି। ଏହି ଯୁବପିଢି ଆସନ୍ତା ୨ରୁ ୮ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନୈତିକ ନେତା, ମନ୍ତ୍ରୀ, ସିନେ ତାରକା, ଟିଭି ତାରକାଙ୍କୁ ଭେଟିବା ସହ ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବେ । ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍‌ର ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘର ହରିଶ ରୁପାଲ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ପୂର୍ବରୁ ବିଏସ୍‌ଏଫ୍ ତରଫରୁ ୩୨୦ ଯୁବପିଢ଼ି ଦେଶର ବିଭିନ୍ନ ଅଞ୍ଚଳ ତଥା ହରିୟାଣାର ପଞ୍ଚକୁଲା, ଅହମ୍ମଦାବାଦ, ବେଙ୍ଗୁଲୁର, ଭୋପାଳ, ପୁଡୁଚେରୀ, ନୂଆଦିଲ୍ଲୀ, ଚଣ୍ଡିଗଡ, କୋଚି ଓ ହାଇଦ୍ରାବାଦ ଆଦି ସ୍ଥାନ ଭ୍ରମଣ କରି ଆସିଥିବା ବେଳେ ୨୦ ଜଣ ଯୁବତୀ ଯୁବକ ବିଶାଖାପାଟଣା ଭ୍ରମଣ କରିବାକୁ ଯାଇଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢିଙ୍କ ଜ୍ଞାନ ଶକ୍ତି ବଢିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରି ଦେଖିପାରିବେ। ଏହାଦ୍ୱାରା ଦେଶରେ କେତେ ପ୍ରକାର ସାଂସ୍କୃତିକ ଦୃଶ୍ୟ ଅଛି ସେ ବିଷୟରେ ଜ୍ଞାନ ଆରୋହଣ କରିପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଆହୁରି ବହୁ ଯୁବପିଢିଙ୍କୁ ଦେଶର ବିଭିନ୍ନ ସ୍ଥାନ ଭ୍ରମଣ ନିମନ୍ତେ ପଠାଇବାର କାର୍ଯ୍ୟକ୍ରମ ରହିଛି ।

### ବାଇକ୍ ଦୁର୍ଘଟଣାରେ ଛାତ୍ରୀ ମୃତ

ଲକ୍ଷ୍ମୀପୁର, ୧।୧୧ (ଅନନ୍ତ ନାୟକ )

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚଡା ପଞ୍ଚାୟତ ଆମ୍ବଲିଆମ୍ବଗୁଡ଼ା ଛକ ୩୨୬ ଜାତୀୟ ରାଜପଥରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣେ ଛାତ୍ରୀ ଗୁରୁତର ହୋଇଥିଲେ। ତାଙ୍କୁ ପଡ଼ାଗଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟପନ୍ନ ହେବାରୁ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଆମ୍ବଲିଆମ୍ବଗୁଡ଼ା ଗୁଡ଼ାର ସ୍ନେହ ମୁଦୁଲି (୭) । ସେ ତାଙ୍କ ମାଙ୍କ ସହିତ ମାମୁ ଘରକୁ ଯିବା ପାଇଁ ଅମ୍‌ୱଲିଆମ୍ବଗୁଡ଼ା ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ ଜଣେ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ସ୍ନେହାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲାବେଳେ କିଛି ଲୋକ ତାଙ୍କୁ ଧରି କାକିରିଗୁମା ପୋଲିସରେ ଜିମା ଦେଇଥିଲେ। ଏଏସ୍‌ଆଇ ଶଙ୍କର ତାଡିଙ୍ଗି ପହଞ୍ଚି ବାଇକ୍ ଜବତ କରିବା ସହ ଚାଳକ ମଟୁ ମୁଦୁଲିଙ୍କୁ ଅଟକ ରଖିଛନ୍ତି। ନଂ. ୧୨୦/୨୩ ମାମଲା ରୁଜୁ ହୋଇଛି ।

# ଅଭିଯୋଗକାରୀଙ୍କ ସହ ଅଧିକାରୀଙ୍କ ଆଲୋଚନା

ନନ୍ଦପୁର, ୧।୧୧ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତ ଚାଟୁଆ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଏକାଧିକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ କରି ହୋଇଥିବା ନେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଶ୍ରମ ଅଧିକାରୀଙ୍କୁ ଲୋକ ପ୍ରତିନିଧି ଓ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏପିଓ ଚିନ୍ତାମଣି ତାଣ୍ଡି, ଜିପିଇଓ ବେଦାନ୍ତ ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମ, ପଞ୍ଚାୟତ ପିଇଓ, ଯନ୍ତ୍ରୀ, ବେୟାର ଫୁଟିଂ ଯନ୍ତ୍ରୀ ପ୍ରମୁଖ ଚାଟୁଆ ପଞ୍ଚାୟତରେ ପହଞ୍ଚି କାର୍ଯ୍ୟସ୍ଥଳ ପରିଦର୍ଶନ ସହ ଅଭିଯୋଗ କରିଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ। ୧୪୪ ଧାରା ଜାରି ହୋଇଥିବା ଜମି ଉପରେ ଗଛ ଲଗାଯାଇଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟ ପ୍ରକଳ୍ପ କାର୍ଯ୍ୟ ତଦାରଖ କରି ଫେରିବା ସହ ଦିନେ ଦୁଇ ଦିନ ମଧ୍ୟରେ ତଦନ୍ତ ପ୍ରକ୍ରିୟା ସାରି ରିପୋର୍ଟ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯିବ। ତାଙ୍କ ନିର୍ଦ୍ଦେଶାନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ ବୋଲି ବିଡିଓ କହିଛନ୍ତି।

# ଗଞ୍ଜେଇ ଜବତ, ୪ ଗିରଫ




ଜବତ ଗଞ୍ଜେଇ ଗିରଫ ଅଭିଯୁକ୍ତ।

ମାଲକାନଗିରି/ଚିତ୍ରକୋଣ୍ଡା, ୧।୧୧ (ଦୁର୍ଯ୍ୟୋଧନ ପାତ୍ର/ କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ଥାନା ପୋଲିସ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ଜବତ ହେବା ସହ ଏଥିରେ ସମ୍ପୃକ୍ତ ୪ ଜଣ ଗିରଫ ହୋଇଛନ୍ତି। ଚିତ୍ରକୋଣ୍ଡା ପୋଲିସ ମଙ୍ଗଳବାର ରାତିରେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ମେଟାଗୁଡା ଗ୍ରାମ ନିକଟ ପଣସଗନ୍ଧିଠାରୁ ପଦ୍ମଗିରି ଯିବା ରାସ୍ତାରେ ପାଟ୍ରୋଲିଂ କରୁଥିଲେ । ଠିକ୍ ସେହି ସମୟରେ ଦୁଇଟି ବାଇକ୍ ଓ ଗୋଟିଏ ଗାଡି ଆସୁଥିବା ଉକ୍ତ ବାଇକ୍ ଓ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ । ଗଞ୍ଜେଇ ଜବତ ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଏହି ଗାଡିରେ ୬୨୫ କେଜି ଗଞ୍ଜେଇ ଥିବା ବେଳେ ଗିରଫମାନେ ଉତ୍ତର ପ୍ରଦେଶ ମଥୁରା ଜିଲାର ଭଜନ ଦାସ, ଚିତ୍ରକୋଣ୍ଡାର ମାଧବ ଖେମୁଡୁ, ପାପରମେଟଲା ଥାନା ନୂଆ ଟେକପଦର ଗ୍ରାମର ବାବୁଲା ହନ୍ତାଳ, ଯାକବ ଖିଲ । ଗଞ୍ଜେଇ ପଦ୍ମଗିରି ଗ୍ରାମରୁ ଆନ୍ଧ୍ରପ୍ରଦେଶକୁ ଚୋରାଚାଲାଣ କରା ଯାଉଥିବା ଚିତ୍ରକୋଣ୍ଡା ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ରାଜମିସ୍ତ୍ରି ମହାସଂଘ ବୈଠକ

କୋରୁକୋଣ୍ଡା, ୧।୧୧ (ଅବିନାଶ ବେହେରା)

କୋରୁକୋଣ୍ଡା ବ୍ଲକ ରାଜ ମିସ୍ତ୍ରି ମହା ସଂଘ ପକ୍ଷରୁ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ଗ୍ରାମ ଧାନମଣ୍ଡି ପିଣ୍ଡାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୋରୁକୋଣ୍ଡା ବ୍ଲକ୍‌ର ୧୨ ପଞ୍ଚାୟତର ରାଜମିସ୍ତ୍ରିମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ରାଜମିସ୍ତ୍ରିଙ୍କ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଶିକ୍ଷା ସହାୟତା, ବିବାହ ସହାୟତା, ପ୍ରସୂତି କାଳୀନ ସହାୟତା, ଯନ୍ତ୍ରପାତି କ୍ରୟ ସହାୟତା, ନିରାପତ୍ତା ଉପକରଣ ସହାୟତା, ମୃତ୍ୟୁ କାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଦୁର୍ଘଟଣା ଜନିତ ସହାୟତା, ଦୁରାରୋଗ୍ୟ ବ୍ୟାଧି ନିମନ୍ତେ ଚିକିତ୍ସା ସହାୟତା, କୁଶଳତା ଅଭିବୃଦ୍ଧି ସହାୟତା ନିମନ୍ତେ ଆଲୋଚନା ହୋଇଥିଲା। ଉକ୍ତ ଦାବିଗୁଡ଼ିକୁ ଖୁବ୍ ଶୀଘ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ନବରଙ୍ଗପୁର ଜିଲା ରାଜମିସ୍ତ୍ରି ମହାସଂଘ ତରଫରୁ ଜିଲା ସଭାପତି ବିପିନ ନାଗ, ଉପଦେଷ୍ଟା କୃପା ପତ୍ର ଗୋରାଡ଼ା, ସହ ସମ୍ପାଦକ ରାଜେଶ୍ ଜାନି, କୋରୁକୋଣ୍ଡା ବ୍ଲକ୍ ରାଜମିସ୍ତ୍ରି ମହା ସଂଘ ସଭାପତି ଲବ ଦୁମତା, ସମ୍ପାଦକ ଜୟରାମ ପାଙ୍ଗୀ, କୋଷାଧ୍ୟକ୍ଷ ଧନ ହଂସା ଓ ଅର୍ଜୁନ ଖିଲ, ତାର୍ଲାକୋଟା ପଞ୍ଚାୟତ ରାଜମିସ୍ତ୍ରି ମହା ସଂଘ ସଭାପତି ପ୍ରଫୁଲ୍ଲ ଖରା ଓ ସମ୍ପାଦକ ଲାଖମା ପଡ଼ିଆମି ଉପସ୍ଥିତ ଥିଲେ।




ରାଜମିସ୍ତ୍ରି ମାନେ ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା କରୁଛନ୍ତି ।

# ଦୁର୍ନୀତି ନିବାରଣ ପାଇଁ ଗ୍ରାମସଭା, ସଚେତନତା ରାଲି

ନନ୍ଦପୁର, ୧।୧୧ (ଶଙ୍କର ପୂଜାରୀ)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଜୟପୁର ଭିଜିଲାନ୍ସ ନୀରିକ୍ଷକ ସଞ୍ଜୟ କୁମାର ପ୍ରଧାନଙ୍କ ଉପସ୍ଥିତିରେ ବୁଧବାର ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଗ୍ରାମସଭା ଆୟୋଜନ କରାଯାଇଥିଲା। ପଞ୍ଚାୟତସ୍ତରରେ ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ ଓ ଗ୍ରାମବାସୀଙ୍କୁ ଦୁର୍ନୀତି ମୁକ୍ତ ରାଷ୍ଟ୍ର ଗଠନ ନିମନ୍ତେ ସଚେତନ କରାଯାଇଥିଲା। ସଚେତନ ସଭାରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଜିପିଇଓ ବେଦାନ୍ତ ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମ, ସରପଞ୍ଚ ସାଜେନ୍ତି କିର୍ଷାନୀ, ସମିତିସଭ୍ୟା ବିନୋଦିନୀ ସମାର୍ତ୍ତୀ, ପିଇଓ କମଳ ରାଓ ସ୍ମିଥ, ସମସ୍ତ ୱାର୍ଡସଭ୍ୟା ସଭ୍ୟ, ନନ୍ଦପୁର ପଞ୍ଚାୟତର ବୁଦ୍ଧିଜୀବୀ ଓ ପଞ୍ଚାୟତ ଅଧୀନରେ କାର୍ଯ୍ୟରତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ନନ୍ଦପୁର ବୁଧବାର ସାପ୍ତାହିକ ହାଟରେ ନନ୍ଦପୁର ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର କର୍ମକର୍ତ୍ତା ଛାତ୍ର ଛାତ୍ରୀ ମହାବିଦ୍ୟାଳୟ ପରିସରରୁ ନେତାଜୀ ଶିଶୁ ଉଦ୍ୟାନ ଯାଏ ଶୋଭାଯାତ୍ରାରେ ବାହାରି ଥିଲେ। ଦୁର୍ନୀତି ନିବାରଣ ନିମନ୍ତେ ସାଧୁତା ଓ ସତର୍କତା ବାର୍ତ୍ତା ସମ୍ବଳିତ ସୂଚନା ଫଳକ, ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଶୋଭାଯାତ୍ରାରେ ଛାତ୍ରୀ ଛାତ୍ରଙ୍କ ସମେତ ମହାବିଦ୍ୟାଳୟ ଅଧକ୍ଷ ଅମର ମହାପାତ୍ର, ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ସନ୍ତୋଷ ହନ୍ତାଳ, ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍.ଜୟା, ସୁରଭି ପାଣିଗ୍ରାହୀ, ସନ୍ତୋଷ କୁମାର ଦୋରା ଓ ଆକାଶ ସାହୁ ପ୍ରମୁଖ ସାମିଲ ଥିଲେ ।




ସଚେତନତା ଲାଗି ବାହାରିଥିବା ରାଲି ।

# ଗ୍ରାମୀଣ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ମାଲକାନଗିରି, ୧।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଟିଗଲ ପଞ୍ଚାୟତ ତାମନପାଲ୍ଲୀ ଗ୍ରାମରେ ଶହୀଦ ସୁନାମ ତାମ୍ପା ଦୋରା ଗ୍ରାମୀଣ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ୨୦୨୩ର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ କୋଇକୋଣ୍ଡା ଓ ଏମ୍‌ଏମ୍‌ସି ମାଲାଭରମ ମଧ୍ୟରେ ହୋଇଥିଲା। ତେବେ କୋଇକୋଣ୍ଡା ୩–୦ ଗୋଲରେ ମାଲାଭରମ୍‌କୁ ହରାଇ ବିଜୟ ଲାଭ କରିଥିଲା। ଫାଇନାଲ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ମାଲକାନଗିରି ଜିଲାରେ କେବଳ ଯୁବକମାନେ ନୁହେଁ ଯୁବତୀମାନଙ୍କଠାରେ ମଧ୍ୟ ବହୁ ପ୍ରତିଭା ରହିଛି, ଯାହାକି ଆଜିର ଏହି ଖେଳ ପ୍ରମାଣିତ କରିଛି। ଏଠାକାର ଏହି ଯୁବତୀମାନଙ୍କ ଖେଳ ଦେଖି ମୁଁ ଉତ୍ସାହିତ। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ଏପରି ଫୁଟ୍‌ବଲ ସହ କ୍ରିକେଟ, ଭଲି ଓ ଅନ୍ୟାନ୍ୟ ଖେଳ ମହିଳାମାନଙ୍କ ମଧ୍ୟରେ କରାଯାଇ ଯୁବତୀମାନଙ୍କ ପ୍ରତିଭାକୁ ସାରା ରାଜ୍ୟରେ ପ୍ରଦର୍ଶନ କରାଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ । ଆଗାମୀ ଦିନରେ ଏହି ଯୁବତୀମାନେ ମାଲକାନଗିରି ଜିଲାର ନାମ ଉଚ୍ଚ କରିବେ ବୋଲି ସେ ପ୍ରକାଶ କରିଥିଲେ। ପରେ ବିଜୟୀ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିବା ସହ ରନର ଦଳକୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଳିମେଳା ବ୍ଲକ ଅଧକ୍ଷ ମାଲା ମାଡି, ଭାଜପା ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ଧରମପାଲ ସେଇନି, ରଘୁଚାନ୍ଦ ଖେର, ବିଧାୟକ ପ୍ରତିନିଧି ରାଜକିଶୋର ମଣ୍ଡଳ, ଟିଗଲ ସରପଞ୍ଚ ଦୁର୍ଗା ଚନ୍ଦ୍ର ମାଡି ଓ ରେଖା ମୁଖାର୍ଜୀଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତି, ବୁଦ୍ଧିଜୀବି ଉପସ୍ଥିତ ଥିଲେ ।




ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳୀ।

## ସଂକ୍ଷେପରେ

### ବିପଦସଙ୍କୁଳଭାବେ ଗାଡ଼ିରେ ନିଆଯାଉଛି ଜିନିଷ



ତେନ୍ତୁଳିଖୁଣ୍ଟି, ୧।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ୧୦ରୁ ଊର୍ଦ୍ଧ୍ୱ ଚାଉଳ ମିଲ ରହିଛି। ସେଠାରୁ ଖୁଲୁମଖୁଲାଭାବେ ଦିନରେ କୁଣ୍ଡା ଚାଲାଣ ହେଉଛି। ଆନ୍ଧ୍ର, ତେଲେଙ୍ଗାନା, ଝାଡ଼ଖଣ୍ଡକୁ ଓଭରଲୋଡିଂ କରି କୁଣ୍ଡା ଚାଲାଣ କରାଯାଉଛି। ମୁଖ୍ୟ ରାସ୍ତାରେ ଯାତାୟାତବେଳେ ଗାଡ଼ିକୁ ସାଇଡ ଦେଲାବେଳକୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ଗାଡି ଚକାତଳେ ମେଗା ଜଳ ପ୍ରକଳ୍ପ ପାଇପ ଲାଇନ ଦବି ଯାଉଛି। ଗାଡ଼ି ଓଭର ଲୋଡିଂ କରି ନେଉଥିବାରୁ ବିଦ୍ୟୁତ୍ ତାର ଲାଗି ଲାଗୁଛି। ଗାଡ଼ିଗୁଡ଼ିକ ଗଲାପରେ ଉକ୍ତ ତାରେ ଛିଣ୍ଡି ଯାଉଥିବା ଅଭିଯୋଗ ମଧ୍ୟ ହେଉଛି। ପୋଲିସ ଗାଡ଼ି ଯାଞ୍ଚ କରୁଛି। କିନ୍ତୁ ଏହି ଗାଡ଼ିସବୁ ବାହାର ରାଜ୍ୟରୁ ଆସି ଓଭର ଲୋଡିଂ ସହ ରାସ୍ତାକୁ ସମ୍ପୂର୍ଣ୍ଣ କଭର କରି ଯାଉଥିଲେ ମଧ୍ୟ ପୋଲିସ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏହି ବିପଦ ସଙ୍କୁଳ ଅବସ୍ଥାରେ ଗାଡି ଯିବା ଆସିବା କରିବା କିଭଳି କାହାର ଦୃଷ୍ଟି ପଡୁନି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ତେନ୍ତୁଳିଖୁଣ୍ଟି ଏମ୍‌ଆଇ ରୋହିତ କୁମାର ମାଝିଙ୍କୁ ପଚାରିବାରୁ ବିଷୟରେ ଅବଗତ ନାହାଁନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରି ଏପରି ଗାଡ଼ି ଚଳାଚଳ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### କାର ଧକ୍କାରେ ଜଣେ ମୃତ, ୩ ଆହତ

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା): କୋଲନରା ବ୍ଲକ ଅନ୍ତର୍ଗତ ଜାମୁଲେଲିବାଡ଼ି ଛକରେ ମଙ୍ଗଳବାର ରାତିରେ କାର ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଶ୍ରମିକମାନେ କାମ ସାରି ଫେରୁଥିବା ସମୟରେ ଜାମୁଲେଲିବାଡ଼ି ଛକ ନିକଟରେ ଏକ କାର୍ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କର ଗୋଡ଼ ଭାଙ୍ଗି ଯାଇଥିବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ମହିଳା ଶ୍ରମିକ ଗାୟତ୍ରୀ କଂଟାବଂଶ ଓ ଅଞ୍ଜନା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। କାର୍ ଚାଳକଙ୍କୁ ଚାନ୍ଦିଲି ପୋଲିସ ଗିରଫ କରି ୨୯୫/୨୩ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଚାନ୍ଦିଲି ଥାନା ଏସଆଇ ଆଶୁତୋଷ ସାହୁ ସୂଚନା ଦେଇଛନ୍ତି।

# ସରପଞ୍ଚଙ୍କ ଜାଲ୍ ଦସ୍ତଖତରେ ପ୍ରକଳ୍ପ ତାଲିକା ପ୍ରସ୍ତୁତି ଅଭିଯୋଗ

ବିଷମକଟକ,୧।୧୧
(ବିଭୂତି ଭୂଷଣ ନାୟକ)

ବିଷମକଟକରେ ଗତ ୩୦ ତାରିଖରେ 'ଆମ ଓଡିଶା ନବୀନ ଓଡିଶା ଯୋଜନା' ଶୁଭାରମ୍ଭ ହୋଇଥିବାବେଳେ ବ୍ଲକ୍ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରାଯାଇଛି। ହେଲେ ସରପଞ୍ଚଙ୍କ ବିନା ଅନୁମୋଦନ ଓ ଜାଲ୍ ଦସ୍ତଖତ କରାଯାଇ ବିଷମକଟକ ପଞ୍ଚାୟତ ସମିତି ତରଫରୁ ପ୍ରକଳ୍ପ ତାଲିକା ପ୍ରସ୍ତୁତି କରାଯାଇଥିବା ବୁଧବାର ବିଷମକଟକ ସଦର ସରପଞ୍ଚ ନମିତା କୁଲୁସିକା ଏକ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି। ପ୍ଲାନ ଅଫ ଆକ୍ସନକୁ ନେଇ ବିଷମକଟକ ବିଡିଓ ଓ ଜିପିଓଙ୍କ ଭୂମିକା ସନ୍ଦେହ ଘେରରେ ଥିବା ସେ ସେ ଏକ ପ୍ରେସ ବିବୃତି ଜରିଆରେ ପ୍ରମାଣ ଉପସ୍ଥାପନ କରିଛନ୍ତି। ବିଷମକଟକ ଗ୍ରାମପଞ୍ଚାୟତ ତରଫରୁ ୩୦।୧୦।୨୩, ପତ୍ର ସଂଖ୍ୟା ୨୨ରେ ଲୋକସେବା ଭବନକୁ ଏକ ପତ୍ରରେ ମୋଟ ୬୦ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁର ପାଇଁ ପଠାଯାଇଛି। ଯେଉଁଥିରେ ତାଙ୍କ ଜାଲ ଦସ୍ତଖତରେ

### ସନ୍ଦେହ ଘେରରେ ବିଡିଓଙ୍କ ଭୂମିକା


ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବିଷମକଟକ
GRAM PANCHAYAT OFFICE, BISSAMCUTTACK
Sub:- Submission of Project Proposal of Bissamcuttack G.P
With reference to the subject cited above, I am to submit herewith the project proposals of Bissamcuttack G.P for sanction of Grants.
This is for favour of your kind information and necessary action.
Yours faithfully,
Sarpanch
Bissamcuttack G.P

ଏହା ପ୍ରେରଣ କରାଯାଇଥିବା କୁଲୁସିକା ଅଭିଯୋଗ କରିଛନ୍ତି। ସରପଞ୍ଚ କୁଲୁସିକା ନିକଟରେ ଜିଲାପାଳଙ୍କଠାରେ ଅଭିଯୋଗ ଦାଖଲ କରିଥିବା ଦସ୍ତଖତ ଓ ଲୋକସେବା ଭବନକୁ ପଠାଯାଇଥିବା ଚିଠି ଦସ୍ତଖତର ପ୍ରମାଣ ଦେଖାଇ ବ୍ଲକ ପ୍ରଶାସନର ବେଆଇନ କାର୍ଯ୍ୟ ପ୍ରତି ସମାଲୋଚନା କରିଛନ୍ତି। 'ଆମ ଓଡିଶା ନବୀନ ଓଡିଶା' ଯୋଜନାରେ ମଧ୍ୟ ଏହି ଗ୍ରାମ ପଞ୍ଚାୟତ ସହ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ୧୧ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏବଂ ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ ପାଇଁ ୬୦ ଲକ୍ଷ ଏବଂ ୩ ହଜାର ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତ ପାଇଁ ୮୩ ଲକ୍ଷ ଟଙ୍କାର ପ୍ରକଳ୍ପ ପ୍ଲାନ ପ୍ରସ୍ତୁତ କରାଯାଉଥିବା ବ୍ଲକ ପ୍ରଶାସନର ବିଷମକଟକ ପଞ୍ଚାୟତ ପ୍ରତି ବୈମାତୃକ ଭାବକୁ ଦର୍ଶାଉଥିବା ସେ ଅଭିଯୋଗ କରିଛନ୍ତି। ଜାଲ କାଗଜପତ୍ର ଓ ଜାଲ ଦସ୍ତଖତରେ ପ୍ରସ୍ତୁତ ଆକ୍ସନ ପ୍ଲାନରେ ରୋକ ଲଗାଇବା ପାଇଁ ସେ ବାଧ୍ୟ ହୋଇ କୋର୍ଟଙ୍କ ଆଶ୍ରୟ ନେବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ନିର୍ବାଚିତ ଜନପ୍ରତିନିଧି, ଜନ ସାଧାରଣଙ୍କ ସହ ଆଲୋଚନା କରା ନ ଯାଇ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ବ୍ଲକ ପାଣ୍ଠି କହି ବିଡ଼ିଓ ଏବଂ ଜିପିଓ ମନମୁଖୀ ଭାବେ ଆକ୍ସନ ପ୍ଲାନ କରିଥିବା ସରପଞ୍ଚ ନମିତା କୁଲୁସିକା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଷମକଟକ ବିଡିଓ ସଦାଶିବ ନାୟକଙ୍କୁ ପଚାରିବାରୁ ମୋ ବାପାଙ୍କ ଦେହାନ୍ତ ହୋଇଥିବାରୁ ମୁଁ ଛୁଟିରେ ଥିଲି। ତେଣୁ ମୋ ଅଜାଣତରେ ଏହା କରାଯାଇଥିବା ମୁଁ ଅନୁମାନ କରୁଛି ବୋଲି ସେ କହିଥିଲେ। ତେବେ ବିଡିଓଙ୍କ ବିନା ଅନୁମୋଦନରେ କିଭଳି ଏତେ ସବୁ ପ୍ରକଳ୍ପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଗଲା ବୋଲି ପଚାରିବାରୁ ଜିଲାପାଳଙ୍କ ବିନା ଅନୁମତିରେ କୌଣସି ପ୍ରତିକ୍ରିୟା ଦେଇହେବ ନାହିଁ ବୋଲି ସେ କହିଥିଲେ। ନିକଟରେ ବିଡିଓଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସରପଞ୍ଚ କୁଲୁସିକା ଜିଲାପାଳ ସ୍ୱାଧାଦେବ ସିଂଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ନିକଟରେ ଏହି ଯୋଜନା ଘୋଷଣା ହେବା ପରେ କିଛି ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି, ଠିକାଦାର ଏବଂ ନେତାମାନଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା। ସ୍ଥାନୀୟ ବ୍ଲକ ପ୍ରଶାସନ ଏ ନେଇ ସରପଞ୍ଚ କିମ୍ବା ସମିତି ସଭ୍ୟମାନଙ୍କ ସହ ଆଲୋଚନା ନ କରି ଆକ୍ସନ ପ୍ଲାନ ପ୍ରସ୍ତୁତ କରିଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା।


ରାୟଗଡ଼ା ସହରସ୍ଥିତ ରାମକୃଷ୍ଣ ନଗର ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

# ଗଜଲକ୍ଷ୍ମୀ ପୂଜା ପାଇଁ ଅମ୍ବାଦଳା ଉତ୍ସବମୁଖର


ଅମ୍ବାଦଳାସ୍ଥିତ ଛତାଆୟଠାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜା।

ଅମ୍ବଦଳା,୧।୧୧(ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳାସ୍ଥିତ ଛତାଆୟଠାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜାପାଇଁ ସହର ଉତ୍ସବ ମୁଖର ହୋଇଉଠିଛି। ଦୀର୍ଘ ୧୭ ବର୍ଷ ହେଲା ଏଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କ ଆଳତି ସହ ପାରମ୍ପରିକ ନୀତି ଅନୁଯାୟୀ ପୂଜା କରାଯାଉଥିବା ମା'ଙ୍କ ଦର୍ଶନ ନିମନ୍ତେ ପୂଜାମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୁନ୍ଦର ତୋରଣ ସହ ସୁସଜ୍ଜିତ ଆଲୋକ ମାଳାରେ ଅମ୍ବାଦଳା ସହର ମୁଖ୍ୟ ରାସ୍ତା ସଜ୍ଜିତ କରାଯାଇଛି। ଗଜଲକ୍ଷ୍ମୀ ପୂଜାରେ ସୁନ୍ଦର ମେଢ଼, ଆଲୋକ ମାଳା, ମୀନା ବଜାରରେ ଖୋଲିଥିବା ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ପସରା, ଘର ସାଜସଜ୍ଜା ସାମଗ୍ରୀ ଓ ରାମଦୋଳି ମୁଖ୍ୟ ଆକର୍ଷଣ ରହିଛି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ସୁପର ଡ୍ୟାନ୍ସର କାର୍ଯ୍ୟକ୍ରମ ମାଧ୍ୟମରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏକ ସୁନ୍ଦର ପ୍ରୟାସ ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ପ୍ରତିଯୋଗୀ ଭାଗ ନେଇଥିବା ଦେଖିବାକୁ ମିଳୁଛି।

# ମୁନିଗୁଡ଼ା ମହାବିଦ୍ୟାଳୟର ପ୍ରଥମ ମହିଳା ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ



କଲେଜର ନୂଆ ଅଧକ୍ଷା କଲ୍ୟାଣୀ ପାଢ଼ୀଙ୍କୁ ସ୍ୱାଗତ କରାଯାଉଛି।

ମୁନିଗୁଡ଼ା,୧।୧୧(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ସଦର ମହକୁମାରେ ଥିବା ଯୁକ୍ତ୨ ମହାବିଦ୍ୟାଳୟର ପ୍ରଥମ ଅଧକ୍ଷା ଭାବେ ବରିଷ୍ଠ ପ୍ରାଧ୍ୟାପିକା କଲ୍ୟାଣୀ ପାଢ଼ୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେଜ ଅଧକ୍ଷ ଦେବବ୍ରତ ରାଜଗୁରୁ ଅବସର ନେବା ପରେ ପ୍ରାଧ୍ୟାପିକା କଲ୍ୟାଣୀ ମହାବିଦ୍ୟାଳୟର ସମସ୍ତ ଦାୟିତ୍ୱ ନେଇଥିଲେ। ପ୍ରାଧ୍ୟାପିକା ପାଢ଼ୀ ଏହି ମହାବିଦ୍ୟାଳୟର ଆରମ୍ଭରୁ ଅଦ୍ୟାବଧି ସମସ୍ତ ସେବା ସହଯୋଗ କରି ଆସିଥିବା ବେଳେ ଏହି ଶିକ୍ଷାନୁଷ୍ଠାନ ପ୍ରତି ତାଙ୍କର ଅନେକ ତ୍ୟାଗ ରହିଛି। ପାଢ଼ୀ ତାଙ୍କ ସରଳ ବ୍ୟବହାର ଓ ସମସ୍ତ କାର୍ଯ୍ୟରେ ନିଷ୍ଠା ପାଇଁ ମହାବିଦ୍ୟାଳୟ ମଧ୍ୟରେ ସମସ୍ତ ଛାତ୍ରୀଛାତ୍ର, ସହକର୍ମୀ ଓ ଅଭିଭାବକଙ୍କ ଅତି ପ୍ରିୟ। ସେ ଦାୟିତ୍ୱ ନେବା ପରେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିବା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣରେ ବ୍ରତୀ ହେବେ ବୋଲି କହିଛନ୍ତି। ବିଦାୟୀ ଅଧକ୍ଷ ରାଜଗୁରୁ ପାଢ଼ୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ଅବସରରେ ତାଙ୍କ କାର୍ଯ୍ୟକାଳ ଆହୁରି ପ୍ରେରଣାଦାୟୀ ହେବା ନେଇ ଆଶାବାଦୀ ଥିବା କହିଥିଲେ। ଏହି ସମୟରେ କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନ୍ଛର, ଦେବାଶିଷ ପଣ୍ଡା, ଅଧ୍ୟାପିକା ସୁମତି ରଣା, ବରିଷ୍ଠ କିରାଣି ଜିତେନ୍ଦ୍ର ଗୌଡ଼, ଲାଇବ୍ରେରିଆନ ଧୀରେନ୍ଦ୍ର ସୁବୁଦ୍ଧି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ପାଢ଼ୀଙ୍କୁ ସ୍ୱାଗତ କରିଥିଲେ। ପରେ ଛାତ୍ରୀଛାତ୍ର ନୂତନ ଅଧକ୍ଷାଙ୍କୁ ସ୍ୱାଗତ କରିଥିଲେ।

### କର୍ମସଂସ୍ଥାନରେ ଯୌନ ଉତ୍ପୀଡ଼ନ ପ୍ରତିରୋଧ ସଚେତନତା

ନବରଙ୍ଗପୁର,୧।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଟିଁଲିଅମ୍ବାଗୁଡ଼ାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ମହିଳା କର୍ମଚାରୀଙ୍କ ଆଇନଗତ ଅଧିକାର ଓ କର୍ମସଂସ୍ଥାନରେ ମହିଳାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଦିଗ ଓ ତାହାର ସମାଧାନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ବିଶେଷଜ୍ଞ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। କର୍ମସଂସ୍ଥାନରେ ଯୌନ ଉତ୍ପୀଡନ ପ୍ରତିରୋଧ ଆଇନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ନାରୀମାନଙ୍କ ପାଇଁ ସମ୍ବିଧାନ ତଥା ଆଇନରେ ଥିବା ଅଧିକାର ଓ ତାହାର ନ୍ୟାୟିକ ସମ୍ବନ୍ଧୀୟ ବିଷୟ ଆଲୋଚନା ହୋଇଥିଲା। ଏହା ସମ୍ବନ୍ଧୀୟ ବିଭିନ୍ନ ସନ୍ଦେହକୁ ଆଇନ ବିଶେଷଜ୍ଞ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଦୂର କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ। ଅଧ୍ୟାପିକା ଜିଭିଭି ରଞ୍ଜିତା ଧନ୍ୟବାଦ ଦେଇଛନ୍ତି।



# ରେଳଷ୍ଟେଶନ ପଶ୍ଚିମ ପାର୍ଶ୍ୱରେ ପ୍ଲାଟଫର୍ମ ନିର୍ମାଣ ଦାବି

ରାୟଗଡା, ୧।୧୧ (ଭାଗ୍ୟଶ୍ରୀ ମିଶ୍ର)

### ଦୂର ହେବ ଟ୍ରାଫିକ ସମସ୍ୟା

ରାୟଗଡା ସହରରେ ଥିବା ରେଲୱେ ଷ୍ଟେଶନକୁ ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ କେବଳ ଗୋଟିଏ ମାତ୍ର ପ୍ରବେଶ ଦ୍ୱାର ରହିଛି। ଉଭୟ ପୁରୁଣା ରାୟଗଡା ଏବଂ ନୂତନ ରାୟଗଡା ପାଇଁ ରେଳ ଷ୍ଟେଶନରେ କେବଳ ଗୋଟିଏ ପ୍ରବେଶ ପଥ ଥିବାରୁ ଏବଂ ଏହା ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ କରୁଥିବାରୁ ରାଜପଥ ଏବଂ ଓଭର୍ ବ୍ରିଜରେ ସବୁବେଳେ ଭିଡ଼ ଲାଗି ରହୁଛି। ଏହାସାଙ୍ଗକୁ ବ୍ରିଜଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ କୌଣସି ମୁହୂର୍ତ୍ତରେ ଭୁଶୁଡି ପଡିବାର ସମ୍ଭାବନା ରହିଛି। ଏହାବ୍ୟତୀତ ଷ୍ଟେଶନ ସାମ୍ନାରେ ପାର୍କିଂ ପାଇଁ ଅନେକ ସମସ୍ୟା ହୋଇଥାଏ। ତେଣୁ ଜାତୀୟ ରାଜପଥ ଏବଂ ଓଭର୍ ବ୍ରିଜରୁ ଟ୍ରାଫିକ ଭାର ହ୍ରାସ କରିବାକୁ ଷ୍ଟେଶନର ପଶ୍ଚିମ ପାର୍ଶ୍ୱରେ ଅନ୍ୟ ଏକ ପ୍ଲାଟଫର୍ମ ନିର୍ମାଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ସୂଚନା ଥାଉକି, ସାରଳା ଛକ ଏବଂ କୋରାପୁଟ ଛକଠାରୁ ସିଧାସଳଖ ରେଳ ଷ୍ଟେଶନର ପଶ୍ଚିମ ପାର୍ଶ୍ୱକୁ ସଂଯୋଗ କରୁଥିବା ଗୋଟିଏ ରାସ୍ତା ଅଛି। ଷ୍ଟେଶନର ପଶ୍ଚିମ ପାର୍ଶ୍ୱରୁ ସମସ୍ତ ପ୍ଲାଟଫର୍ମ ସହିତ ଏକ ରେଲୱେ ଓଭରବ୍ରିଜ ମଧ୍ୟ ସଂଯୁକ୍ତ ଅଛି। ଯଦି ରେଲୱେ ତରଫରୁ ପଶ୍ଚିମ ପାର୍ଶ୍ୱରେ ଏକ ପ୍ଲାଟଫର୍ମ ନିର୍ମାଣ କରାଯାଏ, ତେବେ ପୁରୁଣା ଟାଉନ ଜନସାଧାରଣ ପଶ୍ଚିମ ପ୍ଲାଟଫର୍ମକୁ ବାଛିବେ ଏବଂ ପୂର୍ବ ପାର୍ଶ୍ୱରେ ଥିବା ପ୍ଲାଟଫର୍ମ ଅଭିମୁଖେ ଯିବେ। ଫଳରେ ନୂତନ ସହରର ଟ୍ରାଫିକ ଭାର ହ୍ରାସ ପାଇବ ବୋଲି କୁହାଯାଇଛି। ଏନେଇ ଜିଲାପାଳଙ୍କୁ ସହରର ବୁଦ୍ଧିଜୀବୀମାନେ ଅନେକ ଥର ଦାବି କରିଥିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ତେଣୁ ତୁରନ୍ତ ପଶ୍ଚିମ ପାର୍ଶ୍ୱରେ ଆଉ ଏକ ପ୍ଲାଟଫର୍ମ ନିର୍ମାଣ ପାଇଁ ଆଇନଜୀବି ଲାବଣ୍ୟ ମୋହନ ପଟ୍ଟନାୟକ, ଡ଼. ବାଦଲ କୁମାର ତା, ବସନ୍ତ ଉଲାକା ପ୍ରମୁଖ ଦାବି କରିଛନ୍ତି।

# ଟିକିରିରେ ଗଜଲକ୍ଷ୍ମୀ ପୂଜା



ଟିକିରି,୧।୧୦
(ପ୍ରଫୁଲ୍ଲ କୁମାର ବେହେରା )

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ସ୍ଥିତ କାରାକୁପୁଲି ସାହିରେ ଧୁମଧାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ଏଠାରେ ଦୀର୍ଘ ୨୪ ବର୍ଷ ହେବ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ମା'ଙ୍କ ପୂଜା ଦେଖିବା ପାଇଁ ପ୍ରତିଦିନ ଭକ୍ତଙ୍କ ଭିଡ଼ ଜମୁଛି। ମା'ଙ୍କ ପୂଜା କୁମାରପୂର୍ଣ୍ଣିମାଠାରୁ ୯ ଦିନ ଧରି ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ନାବାଳିକା ବଳାତ୍କାର ମାମଲା, ଯୁବକ ନିର୍ଦ୍ଦୋଷ

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ବୁଧବାର ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ନୟାଗଡ ଜିଲା ନୂଆଗାଁ ଥାନା ଅନ୍ତର୍ଗତ ସୋରଡ଼ାର ନୁକମନ ଖାନ୍‌ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୨୩ ଜାନୁଆରୀ ୩ ତାରିଖରେ ଜଣେ ୧୬ ବର୍ଷର ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନମ୍ବର ୩୧୧/୨୩ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୀଡ଼ିତାଙ୍କୁ ଢେଙ୍କାନାଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ସେଠାରୁ କାବୁ କରିଥିଲା।

# ଓଭର ଲୋଡିଂ ୩ ଟିପ୍ପର ଜବତ

ଟିକିରି,୧।୧୦
(ପ୍ରଫୁଲ୍ଲ କୁମାର ବେହେରା )

କାଶୀପୁର ବ୍ଲକ ଟିକିରି ପୋଲିସ ବୁଧବାର ଗାଡି ଯାଞ୍ଚ କରିବା ସମୟରେ ଓଭରଲୋଡିଂ ଫ୍ଲାଏ ଆଶ୍ ବୋଝେଇ କରି ଯାଉଥିବା ୩ଟି ଟିପ୍ପରକୁ ଜବତ କରିଛି। ଟିକିରି ଆଇଆଇସି ବିଶ୍ୱବନ୍ଦିନୀ ବାଗ ଓଭରଲୋଡିଂ ଥିବା ୩ ଟିପ୍ପରକୁ ଟିକିରି ଥାନାକୁ ଆଣି ରାୟଗଡା ପରିବହନ ଅଧିକାରୀଙ୍କୁ ଜଣାଇଥିଲେ। ପରିବହନ ଅଧିକାରୀ ଥାନାରେ ପହଞ୍ଚି ୩ଟି ଟିପ୍ପରକୁ ୧ଲକ୍ଷ ୨୦ ହଜାର ଟଙ୍କା ଫାଇନ କରିଥିବା କହିଛନ୍ତି। ସୂଚନା ଥାଉକି, ଗତ ସେପ୍ଟେମ୍ବର ୨୩ ତାରିଖରେ ମଧ୍ୟ ଓଭରଲଡିଂ କରୁଥିବା ୪ଟି ଫ୍ଲାଏଆଶ୍ ବୋଝେଇ ଟିପରକୁ ଜବତ କରି ଲକ୍ଷାଧିକ ଟଙ୍କା ଫାଇନ ଆଦାୟ କରିଥିଲେ। ଗାଡିଗୁଡ଼ିକ ନିଜ କ୍ଷମତାଠାରୁ ଅଧିକ ଓଭରଲୋଡିଂ କରି ଯାତାୟାତ ଦ୍ୱାରା ରାସ୍ତା ଅବସ୍ଥା ଶୋଚନୀୟ ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ନୋ ଏଣ୍ଟ୍ରି ସମୟରେ ମଧ୍ୟ ଗାଡିଗୁଡ଼ିକ ଓଭରଲୋଡିଂ କରି ଟିକିରି ବଜାର ମଧ୍ୟକୁ ପ୍ରବେଶ କରୁଥିବା ଅଭିଯୋଗ ହେଉଛି।



# ଜିଲାର ପର୍ଯ୍ୟଟନସ୍ଥଳୀକୁ ମିଳୁନି ଇକୋ ଟୁରିଜମ୍ ମାନ୍ୟତା

ନବରଙ୍ଗପୁର, ୧।୧୧ (ସଦାଶିବ ପ୍ରହରାଜ)

- ପର୍ଯ୍ୟଟନ କ୍ଷେତ୍ରରେ ନବରଙ୍ଗପୁରକୁ ଉପେକ୍ଷା
- ସୁବିଧା ନ ଥିବାରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ପ୍ରାକୃତିକ ପ୍ରାଚୁର୍ଯ୍ୟ ଭରା ନବରଙ୍ଗପୁର ଜିଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଭିତ୍ତିଭୂମିର ଅଭାବ ନାହିଁ। କିନ୍ତୁ ଯେଉଁ ହାରରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା କଥା ସେହି ଅନୁଯାୟୀ ବିକାଶ ହୋଇପାରୁ ନାହିଁ। ଆଦିବାସୀ ଅଧ୍ୟୁଷିତ ଉପାନ୍ତ ନବରଙ୍ଗପୁର ଜିଲାରେ ପର୍ଯ୍ୟଟନ କ୍ଷେତ୍ରକୁ ଉପେକ୍ଷା କରାଯାଉଛି। ଜିଲାର ପ୍ରମୁଖ ଆକର୍ଷଣ ସ୍ଥଳୀ ଭାବେ ପରିଚିତ ଇନ୍ଦ୍ରାବତୀ ଜଳଭଣ୍ଡାର ଓ ପାପଡ଼ାହାଣ୍ଡି ମୃଗ ବିହାର ୨ଟି ପର୍ଯ୍ୟଟନ ସ୍ଥଳିକୁ ଇକୋ ଟୁରିଜମ୍ ମାନ୍ୟତା କେବଳ ପ୍ରସ୍ତାବରେ ସୀମିତ ରହିଛି।

ନବରଙ୍ଗପୁର ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଜିଲାରେ ଭରି ରହିଛି ଅନେକ ପର୍ଯ୍ୟଟନ ସ୍ଥଳ। କିନ୍ତୁ ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ହୋଇପାରୁ ନ ଥିବାରୁ ଏହା ଲୋକଲୋଚନକୁ ଆସିପାରୁ ନାହିଁ। ୪ ବର୍ଷ ପୂର୍ବେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ରଘୁନନ୍ଦନ ଦାସ ଇନ୍ଦ୍ରାବତୀ ପ୍ରକଳ୍ପ ଓ ପାପଡ଼ାହାଣ୍ଡି ମୃଗ ବିହାର ଗସ୍ତକରି ଏହାକୁ ଇକୋ ଟୁରିଜମ୍‌ରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଏବେ ଯାଏ ପୂରା ହୋଇପାରିଲା ନାହିଁ। ଏହି ୨ଟି ପର୍ଯ୍ୟଟନ ସ୍ଥଳୀକୁ ଜିଲା, ଜିଲା ବାହାରୁ ଏବଂ ସୀମାନ୍ତ ଛତିଶଗଡ଼ର ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ଏହି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଶେଷ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି।



ତେନ୍ତୁଳିଖୁଣ୍ଟି ବ୍ଲକ ଗେଡ଼ଦେଓପାଲି ନିକଟରେ ରହିଛି ଏସିଆର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା ଇନ୍ଦ୍ରାବତୀ ଜଳଭଣ୍ଡାର। ୧୧୦ ବର୍ଗ କି.ମି. ପରିବ୍ୟାପ୍ତ ଇନ୍ଦ୍ରାବତୀ ଜଳଭଣ୍ଡାରକୁ ଲାଗିଛି ଇନ୍ଦ୍ରାବତୀ ଡ୍ୟାମର ୭ଟି ଫାଟକ। ଡ୍ୟାମ୍ ଚତୁଃପାର୍ଶ୍ୱରେ ଦେଖାଯାଉଛି ସୁନ୍ଦର ପାହାଡ଼ ମାନ। ଜଳଭଣ୍ଡାର ପାର ହେବା ପାଇଁ ନୌକା ବ୍ୟବସ୍ଥା ବି ରହିଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ମାଇଲ ମାଇଲ ବ୍ୟାପୀ ନୀଳ ଜଳରାଶିରେ ହଜାର ହଜାର କିଲୋମିଟର ଦୂରରୁ ଉଡିଆସୁଥିବା ବିଦେଶୀ ପକ୍ଷୀଙ୍କ ଖେଳୁଥିବା ଦୃଶ୍ୟ ଅତି ମନୋରମ। ସେଥିପାଇଁ ଏହି ଜଳଭଣ୍ଡାର ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ସରକାର ବାର୍ଷିକ ବ୍ୟାପକ ଅର୍ଥ ରାଜସ୍ୱ ଆଦାୟ କରୁଛନ୍ତି। କିନ୍ତୁ ଜଳଭଣ୍ଡାରର ପାରିପାର୍ଶ୍ୱିକ ବିକାଶ ହୋଇପାରୁ ନାହିଁ। ଜଳଭଣ୍ଡାର ତଥା ଡ୍ୟାମ୍‌ର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ନା ଜଳସେଚନ ବିଭାଗ କେହି ହେଲେ ଦୃଷ୍ଟି ନ ଦେବା ଅତି ବିଡ଼ମ୍ବନାର ବିଷୟ। ଇନ୍ଦ୍ରାବତୀ ଜଳଭଣ୍ଡାରରେ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଗୋଟିଏ ବିଶ୍ରାମ ଗୃହ କରାଯାଇ ପାରିନାହିଁ। ଜଳଭଣ୍ଡାରରେ ନୌବିହାର ସହ ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ବ୍ୟବସ୍ଥା ହେଲେ ଏହା ମଧ୍ୟ ହୀରାକୁଦ ଜଳଭଣ୍ଡାର ଭଳି ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଥାନ୍ତା। ୨୦୧୯ରେ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପରେ ପର୍ଯ୍ୟଟନର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଯାଇଛି। ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳଭଣ୍ଡାରରେ ବିଶ୍ରାମ ଗୃହ, ପାର୍କିଂ, ପର୍ଯ୍ୟଟକଙ୍କ ପାଇଁ ରହିବା ଓ ଗମନାଗମନ ସହ ବୋଟିଂ ପାର୍କ ନିର୍ମାଣ କରିବାକୁ ଏକ ପ୍ରସ୍ତାବ ରାଜ୍ୟ ପର୍ଯ୍ୟଟନ ବିଭାଗ ପାଖକୁ ଯାଇଥିବା ଶୁଣିବାକୁ ମିଳୁଛି। ତେବେ ଏହା କେବଳ ପ୍ରସ୍ତାବରେ ହିଁ ସୀମିତ ହୋଇ ରହିଛି। ଜିଲାର କେବଳ ହିର୍ଲି ଡଙ୍ଗରୀକୁ ଇକୋ ଟୁରିଜମ୍ ମାନ୍ୟତା ମିଳିଥିବା ଜଣାପଡ଼ିଛି।

# ଜିଲାର ପର୍ଯ୍ୟଟନସ୍ଥଳୀକୁ ମିଳୁନି ଇକୋ ଟୁରିଜମ୍ ମାନ୍ୟତା

ନବରଙ୍ଗପୁର, ୧।୧୧ (ସଦାଶିବ ପ୍ରହରାଜ)



ପ୍ରାକୃତିକ ପ୍ରାଚୁର୍ଯ୍ୟ ଭରା ନବରଙ୍ଗପୁର ଜିଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଭିତ୍ତିଭୂମିର ଅଭାବ ନାହିଁ। କିନ୍ତୁ ଯେଉଁ ହାରରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା କଥା ସେହି ଅନୁଯାୟୀ ବିକାଶ ହୋଇପାରୁ ନାହିଁ। ଆଦିବାସୀ ଅଧ୍ୟୁଷିତ ଉପାନ୍ତ ନବରଙ୍ଗପୁର ଜିଲାରେ ପର୍ଯ୍ୟଟନ କ୍ଷେତ୍ରକୁ ଉପେକ୍ଷା କରାଯାଉଛି। ଜିଲାର ପ୍ରମୁଖ ଆକର୍ଷଣ ସ୍ଥଳୀ ଭାବେ ପରିଚିତ ଇନ୍ଦ୍ରାବତୀ ଜଳଭଣ୍ଡାର ଓ ପାପଡ଼ାହାଣ୍ଡି ମୃଗ ବିହାର ୨ଟି ପର୍ଯ୍ୟଟନ ସ୍ଥଳିକୁ ଇକୋ ଟୁରିଜମ୍ ମାନ୍ୟତା କେବଳ ପ୍ରସ୍ତାବରେ ସୀମିତ ରହିଛି।

ନବରଙ୍ଗପୁର ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଜିଲାରେ ଭରି ରହିଛି ଅନେକ ପର୍ଯ୍ୟଟନ ସ୍ଥଳ। କିନ୍ତୁ ଏହି ପର୍ଯ୍ୟଟନ ସ୍ଥଳୀଗୁଡିକର ବିକାଶ ହୋଇପାରୁ ନ ଥିବାରୁ ଏହା ଲୋକଲୋଚନକୁ ଆସିପାରୁ ନାହିଁ। ୪ ବର୍ଷ ପୂର୍ବେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ରଘୁନନ୍ଦନ ଦାସ ଇନ୍ଦ୍ରାବତୀ ପ୍ରକଳ୍ପ ଓ ପାପଡ଼ାହାଣ୍ଡି ମୃଗ ବିହାର ଗସ୍ତକରି ଏହାକୁ ଇକୋ ଟୁରିଜମ୍‌ରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଏବେ ଯାଏ ପୂରା ହୋଇପାରିଲା ନାହିଁ। ଏହି ୨ଟି ପର୍ଯ୍ୟଟନ ସ୍ଥଳୀକୁ ଜିଲା, ଜିଲା ବାହାରୁ ଏବଂ ସୀମାନ୍ତ ଛତିଶଗଡ଼ର ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ଏହି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଶେଷ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

ତେନ୍ତୁଲିଖୁଣ୍ଟି ବ୍ଲକ ଗେଡ଼ଦେଓପାଲ୍ଲି ନିକଟରେ ରହିଛି ଏସିଆର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା ଇନ୍ଦ୍ରାବତୀ ଜଳଭଣ୍ଡାର। ୧୧୦ ବର୍ଗ କି.ମି. ପରିବ୍ୟାପ୍ତ ଇନ୍ଦ୍ରାବତୀ ଜଳଭଣ୍ଡାରକୁ ଲାଗିଛି ଇନ୍ଦ୍ରାବତୀ ଡ୍ୟାମର ୭ଟି ଫାଟକ। ଡ୍ୟାମ୍ ଚତୁଃପାର୍ଶ୍ୱରେ ଦେଖାଯାଉଛି ସୁନ୍ଦର ପାହାଡ଼ ମାନ। ଜଳଭଣ୍ଡାର ପାର ହେବା ପାଇଁ ନୌକା ବ୍ୟବସ୍ଥା ବି ରହିଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ମାଇଲ ମାଇଲ ବ୍ୟାପୀ ନୀଳ ଜଳରାଶିରେ ହଜାର ହଜାର କିଲୋମିଟର ଦୂରରୁ ଉଡିଆସୁଥିବା ବିଦେଶୀ ପକ୍ଷୀଙ୍କ ଖେଳୁଥିବା ଦୃଶ୍ୟ ଅତି ମନୋରମ। ସେଥିପାଇଁ ଏହି ଜଳଭଣ୍ଡାର ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ସରକାର ବାର୍ଷିକ ବ୍ୟାପକ ଅର୍ଥ ରାଜସ୍ୱ ଆଦାୟ କରୁଛନ୍ତି। କିନ୍ତୁ ଜଳଭଣ୍ଡାରର ପାରିପାର୍ଶ୍ୱିକ ବିକାଶ ହୋଇପାରୁ ନାହିଁ। ଜଳଭଣ୍ଡାର ତଥା ଡ୍ୟାମ୍‌ର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ନା ଜଳସେଚନ ବିଭାଗ କେହି ହେଲେ ଦୃଷ୍ଟି ନ ଦେବା ଅତି ବିଡ଼ମ୍ବନାର ବିଷୟ। ଇନ୍ଦ୍ରାବତୀ ଜଳଭଣ୍ଡାରରେ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଗୋଟିଏ ବିଶ୍ରାମ ଗୃହ କରାଯାଇ ପାରିନାହିଁ। ଜଳଭଣ୍ଡାରରେ ନୌବିହାର ସହ ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ବ୍ୟବସ୍ଥା ହେଲେ ଏହା ମଧ୍ୟ ହୀରାକୁଦ ଜଳଭଣ୍ଡାର ଭଳି ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଥାନ୍ତା। ୨୦୧୯ରେ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପରେ ପର୍ଯ୍ୟଟନର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଯାଇଛି। ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳଭଣ୍ଡାରରେ ବିଶ୍ରାମ ଗୃହ, ପାର୍କିଂ, ପର୍ଯ୍ୟଟକଙ୍କ ପାଇଁ ରହିବା ଓ ଗମନାଗମନ ସହ ବୋଟିଂ ପାର୍କ ନିର୍ମାଣ କରିବାକୁ ଏକ ପ୍ରସ୍ତାବ ରାଜ୍ୟ ପର୍ଯ୍ୟଟନ ବିଭାଗ ପାଖକୁ ଯାଇଥିବା ଶୁଣିବାକୁ ମିଳୁଛି। ତେବେ ଏହା କେବଳ ପ୍ରସ୍ତାବରେ ହିଁ ସୀମିତ ହୋଇ ରହିଛି। ଜିଲାର କେବଳ ହିର୍ଲି ଡଙ୍ଗରୀକୁ ଇକୋ ଟୁରିଜମ୍ ମାନ୍ୟତା ମିଳିଥିବା ଜଣାପଡ଼ିଛି।

- ପର୍ଯ୍ୟଟନ କ୍ଷେତ୍ରରେ ନବରଙ୍ଗପୁରକୁ ଉପେକ୍ଷା
- ସୁବିଧା ନ ଥିବାରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

## ବିପଦସଙ୍କୁଳଭାବେ ଗାଡ଼ିରେ ନିଆଯାଉଛି ଜିନିଷ



ତେନ୍ତୁଳିଖୁଣ୍ଟି, ୧।୧୧ (ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକର ୧୦ରୁ ଊର୍ଦ୍ଧ୍ୱ ଚାଉଳ ମିଲ ରହିଛି। ସେଠାରୁ ଖୁଲ୍ଲମଖୁଲ୍ଲାଭାବେ ଦିନରେ କୁଣ୍ଡା ଚାଲାଣ ହେଉଛି। ଆନ୍ଧ୍ର, ତେଲେଙ୍ଗାନା, ଝାଡ଼ଖଣ୍ଡକୁ ଓଭରଲୋଡିଂ କରି କୁଣ୍ଡା ଚାଲାଣ କରାଯାଉଛି। ମୁଖ୍ୟ ରାସ୍ତାରେ ଯାତାୟାତବେଳେ ଗାଡ଼ିକୁ ସାଇଡ ଦେଲାବେଳକୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ଗାଡି ଚକାତଳେ ମେଗା ଜଳ ପ୍ରକଳ୍ପ ପାଇପ ଲାଇନ ଦବି ଯାଉଛି। ଗାଡ଼ି ଓଭର ଲୋଡିଂ କରି ନେଉଥିବାରୁ ବିଦ୍ୟୁତ୍ ତାର ଲାଗି ଲାଗୁଛି। ଗାଡ଼ିଗୁଡ଼ିକ ଗଲାପରେ ଉକ୍ତ ତାରେ ଛିଣ୍ଡି ଯାଉଥିବା ଅଭିଯୋଗ ମଧ୍ୟ ହେଉଛି। ପୋଲିସ ଗାଡ଼ି ଯାଞ୍ଚ କରୁଛି। କିନ୍ତୁ ଏହି ଗାଡ଼ିସବୁ ବାହାର ରାଜ୍ୟରୁ ଆସି ଓଭର ଲୋଡିଂ ସହ ରାସ୍ତାକୁ ସମ୍ପୂର୍ଣ୍ଣ କଭର କରି ଯାଉଥିଲେ ମଧ୍ୟ ପୋଲିସ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏହି ବିପଦ ସଙ୍କୁଳ ଅବସ୍ଥାରେ ଗାଡି ଯିବା ଆସିବା କରିବା କିଭଳି କାହାର ଦୃଷ୍ଟି ପଡୁନି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ତେନ୍ତୁଳିଖୁଣ୍ଟି ଏମ୍ଆଇ ରୋହିତ କୁମାର ମାଝିଙ୍କୁ ପଚାରିବାରୁ ବିଷୟରେ ଅବଗତ ନାହିଁ। ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରି ଏପରି ଗାଡ଼ି ଚଳାଚଳ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଗରିବଙ୍କ ହୃଦୟରେ ଏବେବି ଅଛନ୍ତି ଇନ୍ଦିରା

ନବରଙ୍ଗପୁର, ୧।୧୧ (ସଦାଶିବ ପ୍ରହରାଜ)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ଶ୍ରାଦ୍ଧଦିବସ ମଙ୍ଗଳବାର ନବରଙ୍ଗପୁରସ୍ଥିତ କଂଗ୍ରେସ ଭବନରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ଜିଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ , ପୂର୍ବତନ ଉପ ନଗରପାଳ ସୁବାସ ଚନ୍ଦ୍ର ସୁର, ବରିଷ୍ଠ ନେତା ସତ୍ୟନାରାୟଣ ତ୍ରିପାଠୀ, ଏଆଇସିସି ସଭ୍ୟା ମନୀଷା ତ୍ରିପାଠୀ, ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ୍, ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ଜିଲା ଆଦିବାସୀ ସେଲ୍ ସଭାପତି ତଥା ପାତ୍ରପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ, ଯୁବ କଂଗ୍ରେସ ପୂର୍ବତନ ଜିଲା ସଭାପତି ଦ୍ୱାରିକା ମହାପାତ୍ର, ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ନବରଙ୍ଗପୁର ବିଧାନସଭା ମଣ୍ଡଳୀ ସଭାପତି ସୁରଜ୍ ଲାଲ, ବରିଷ୍ଠ ନେତା ପ୍ରକାଶ ସମତରାୟ, ଜିଲା ସେବାଦଳ ମୁଖ୍ୟ ଶେଖ୍ ଚାନ୍ଦ ଉସ୍ମାନି, ଜିଲା ଏସ୍‌ସି ସେଲ୍ ସଭାପତି ଅର୍ଜୁନ ସମରଥ, ଜିଲା କଂଗ୍ରେସ କମିଟି ସମ୍ପାଦିକା ହୁସୁନା ବାନୋ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ବିଭିନ୍ନ ଲୋକାଭିମୁଖୀ ଗରିବ କଲ୍ୟାଣ ଯୋଜନା ଯଥା ବିଭିନ୍ନ ଭତ୍ତା, ଇନ୍ଦିରା ଆବାସର ଶୁଭାରମ୍ଭ ହୋଇଥିଲା। ତେଣୁ ତାଙ୍କ ମୃତ୍ୟୁର ୩୯ ବର୍ଷ ପରେ ମଧ୍ୟ ସେ ଗରିବଙ୍କ ହୃଦୟରେ ଅଛନ୍ତି ବୋଲି ଉପସ୍ଥିତ ନେତା ଓ କର୍ମୀମାନେ କହିଛନ୍ତି।

# ସଜାଗ ହେଲେ ଦୁର୍ନୀତି ରୋକିହେବ




ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଧିକାରୀ, ବୁଦ୍ଧିଜୀବୀ ଓ ଅନ୍ୟମାନେ।

ଉମରକୋଟ, ୧।୧୧ (ସନ୍ତୋଷ ଶତପଥୀ)

## ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶୋଭାଯାତ୍ରା, ଶପଥପାଠ

ନବରଙ୍ଗପୁର ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଲାଞ୍ଚ ନେବା ନାହିଁ କି ଲାଞ୍ଚ କାହାକୁ ଦେବାନାହିଁ ଏହା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଉମରକୋଟ ଗୋପବନ୍ଧୁ ଛକରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଦୁର୍ନୀତି ନିବାରଣ ଅଧିକାରୀ, ସରକାରୀ ଅଧିକାରୀ, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର, ଏମ୍‌ବିକେ, ସିଆର୍‌ପି, ଏସ୍‌ଏଚ୍‌ଜି ମହିଳାମାନେ ସାମିଲଥିଲେ। ଦୁର୍ନୀତି ବିରୋଧୀ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ଦୁର୍ନୀତି ରୂପକ ରାକ୍ଷସକୁ ସମୂଳେ ନାଶ କରନ୍ତୁ,ଆସ ମା ଭଉଣୀ ଦୁର୍ନୀତିକୁ ଦେବା ହଟାଇ ଏହିଭଳି ସ୍ଲୋଗାନ ଦିଆଯାଇଥିଲା। ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଏକ ଶପଥପାଠ କାର୍ଯ୍ୟକ୍ରମ କରାଯାଇଥିଲା। ସରକାରୀ କର୍ମଚାରୀମାନେ ଦୁର୍ନୀତିକୁ ସମୂଳେ ନାଶ କରିବାକୁ ଶପଥ ପାଠ କରିଛନ୍ତି। ସଚେତନତା ମାଧ୍ୟମରେ ଦୁର୍ନୀତି ନିବାରଣ କରିହେବ, ଏଥିପାଇଁ ସମସ୍ତେ ସଜାଗ ହେବାକୁ ପଡ଼ିବ ବୋଲି ଦୁର୍ନୀତି ନିବାରଣ ଅଧିକାରୀ ଡିଏସ୍‌ପି ଜୟଶ୍ରୀ ପ୍ରଧାନ କହିଛନ୍ତି। ଦୁର୍ନୀତିକୁ ରୋକିବା ପାଇଁ ସାଧାରଣ ଜନତା ଦୁର୍ନୀତି ନିବାରଣ ବିଭାଗକୁ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ଜୟଶ୍ରୀ ପ୍ରଧାନ, କନଷ୍ଟେବଲ ଅଜିତ ପାଢ଼ୀ, ବିଡିଓ ପ୍ରୀତିରଞ୍ଜନ ରଥ, ଅତିରିକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂକେତ ନାୟକ, ପଞ୍ଚାୟତ ଅଧିକାରୀ ପୁନିତରାମ ଗଣ୍ଡ, କନିଷ୍ଠ ଯନ୍ତ୍ରୀ ରୁଦ୍ର ପାତ୍ର, ଦଶରଥ ଖେମଣ୍ଡୁ, ବିଇଓ ବିକାଶ ଚନ୍ଦ୍ର ସରକାର, ଏବିଇଓ ପୁରୁଷୋତ୍ତମ ମାଝିଙ୍କ ସମେତ ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## କର୍ମସଂସ୍ଥାନରେ ଯୌନ ଉତ୍ପୀଡ଼ନ ପ୍ରତିରୋଧ ସଚେତନତା

ନବରଙ୍ଗପୁର, ୧।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଚିର୍ଲିଅମ୍ବାଗୁଡ଼ାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ମହିଳା କର୍ମଚାରୀଙ୍କ ଆଇନଗତ ଅଧିକାର ଓ କର୍ମସଂସ୍ଥାନରେ ମହିଳାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଦିଗ ଓ ତାହାର ସମାଧାନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ବିଶେଷଜ୍ଞ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। କର୍ମସଂସ୍ଥାନରେ ଯୌନ ଉତ୍ପୀଡନ ପ୍ରତିରୋଧ ଆଇନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ନାରୀମାନଙ୍କ ପାଇଁ ସମ୍ବିଧାନ ତଥା ଆଇନରେ ଥିବା ଅଧିକାର ଓ ତାହାର ନ୍ୟାୟିକ ସମ୍ବନ୍ଧୀୟ ବିଷୟ ଆଲୋଚନା ହୋଇଥିଲା। ଏହା ସମ୍ବନ୍ଧୀୟ ବିଭିନ୍ନ ସନ୍ଦେହକୁ ଆଇନ ବିଶେଷଜ୍ଞ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଦୂର କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ। ଅଧ୍ୟାପିକା ଜିଭିଭି ରଞ୍ଜିତା ଧନ୍ୟବାଦ ଦେଇଛନ୍ତି।



## କଲେଜ ଅଧକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅଧକ୍ଷା ଡକ୍ଟର ଅନିତା ମାଝିଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଦିଆଯାଉଛି।

ଉମରକୋଟ, ୧।୧୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର ଅନିତା ମାଝି ଦୀର୍ଘ ୩୯ ବର୍ଷ ଅଧ୍ୟାପନା କରିବା ପରେ ବୁଧବାର ଚାକିରିରୁ ଅବସର ନେଇଛନ୍ତି। ୧୯୮୪ରୁ ଡକ୍ଟର ମାଝି ଏହି କଲେଜର ଅଧକ୍ଷା ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସେ ସମସ୍ତଙ୍କ ପ୍ରେରଣା ଉତ୍ସଥିଲେ। ନିଜର ପ୍ରଶାସନିକ ଦକ୍ଷତା ସହ ଜଣେ ଉଚ୍ଚ କୋଟିର ଅଧ୍ୟାପିକା ଭାବେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ପ୍ରିୟ ପାତ୍ର ଥିଲେ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ମତ ଦେଇଥିଲେ। ବିଦାୟୀ ଅଧକ୍ଷା ଅତ୍ୟନ୍ତ ଭାବ ପ୍ରବଣ ହୋଇ ଦୀର୍ଘ ଚାକିରୀ ଜୀବନର ଅନୁଭୂତି ବର୍ଣ୍ଣନା କରି ଥିଲେ। ଅଧକ୍ଷା ମାଝି ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ ଅନୁଷ୍ଠାନର ଶୁଭକାମନା କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗ ପ୍ରାଧାପକ ଡକ୍ଟର ଶେଷାନନ୍ଦ ମିଶ୍ର ପରିଚାଳନା କରିଥିଲେ। ଡକ୍ଟର ରବିନ୍ଦ୍ର ମିଶ୍ର, ଡକ୍ଟର ଅନିଲ ମିଶ୍ର, ଦିବାକର ପଟ୍ଟନାୟକ, ରାମଶଙ୍କର ପଟ୍ଟନାୟକ, ପ୍ରୋଦୋଷ ପଟ୍ଟନାୟକ, ଚିନ୍ମୟ ରାଉତ, ଜି. ଧର୍ମେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ନୂତନ ଅଧକ୍ଷ ଭାବେ ଡକ୍ଟର ଅନିଲ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ସରକାରୀ କର୍ମଚାରୀମାନେ।

ଡାବୁଗାଁ, ୧।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୩ ତାରିଖ ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବେ। ଏହି ଉଦଘାଟନ କାର୍ଯ୍ୟକ୍ରମ ଡାବୁଗାଁ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ କରାଯିବ। କିପରି ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟକ୍ରମ ଶେଷ ହେବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ମିନତୀ ଦାଶ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି ପ୍ରସାଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଟୀ, ଯୋଗାଣ ନୀରିକ୍ଷକ ରାମଚନ୍ଦ୍ର ଖିଲ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ଅଙ୍ଗନୱାଡି ସୁପରଭାଇଜର ରୋଜାଲିନ ପ୍ରଧାନ ଓ ବିମଳା ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ ଏବଂ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବିକା ସେବକ ଓ ଯୋଗାଣ ସହାୟକ ଯୋଗ ଦେଇଥିଲେ।

# ସରପଞ୍ଚ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ

## ବିଡିଓଙ୍କୁ ୱାର୍ଡମେମ୍ବରଙ୍କ ଦାବିପତ୍ର

ନନ୍ଦାହାଣ୍ଡି, ୧।୧୧ (ପ୍ରତୀପ କୁମାର ଦାଶ)



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ପଞ୍ଚାୟତସ୍ତରରେ ସରକାରୀ ଯୋଜନାକୁ ଠିକ ରୂପାୟନ କରିବା ପାଇଁ ୱାର୍ଡ ମେମ୍ବର ଓ ସରପଞ୍ଚଙ୍କୁ ଲୋକେ ନିର୍ବାଚିତ କରନ୍ତି। ସେମାନଙ୍କ ଉପରେ ପଞ୍ଚାୟତର ଗୁରୁ ଦାୟିତ୍ୱ ରହିଛି। କିନ୍ତୁ ନନ୍ଦାହାଣ୍ଡି ବ୍ଲକ ମେଣ୍ଟରି ପଞ୍ଚାୟତ ସରପଞ୍ଚ ବେବି ମାଝିଙ୍କ ମନମୁଖି କାର୍ଯ୍ୟ କରୁଥିବା ୱାର୍ଡ ମେମ୍ବରମାନେ ଅଭିଯୋଗ କରିଛନ୍ତି। ୧୧ ଜଣ ୱାର୍ଡ ମେମ୍ବର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ଗତ ୨ବର୍ଷ ସରପଞ୍ଚ ନିଜେ ଠିକାଦାର ସାଜି ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରି ଆସୁଛନ୍ତି। ସରକାରୀ ଅନୁଦାନ କେତେ ଆସୁଛି ଏବଂ କେଉଁ ବାବଦକୁ କେତେ ଖର୍ଚ୍ଚ ହେଲା ତାହାର ହିସାବ ନ ଦେଇ କାର୍ଯ୍ୟ ଶେଷ ପରେ ଅନୁଦାନ ବିଷୟରେ ଜଣାଉଥିବାର ଦାବିପତ୍ରରେ ଉଲ୍ଲେଖ ରହିଛି। ନିଜ ୱାର୍ଡବାସୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଜିତିବା ସରପଞ୍ଚଙ୍କ ମନମୁଖୀ କାମ ଯୋଗୁ ୱାର୍ଡର ଡ୍ରେନ ସଫା ଭଳି ଛୋଟ କାମ ବି କରି ପାରିନଥିବାରୁ ଗ୍ରାମବାସୀଙ୍କ ପାଖରେ ନିନ୍ଦିତ ହେବାକୁ ପଡୁଛି ବୋଲି ୱାର୍ଡମେମ୍ବରମାନେ କହିଛନ୍ତି। ଦାବିପତ୍ର ପାଇବା ପରେ ସମସ୍ତ ଅଭିଯୋଗ ତଦନ୍ତ କରି ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ କହିଛନ୍ତି। ଏ ନେଇ ସରପଞ୍ଚଙ୍କୁ ପଚାରିବାରୁ ୱାର୍ଡମେମ୍ବର ମାନେ ଠିକା କାମ କରିବା ପାଇଁ ଆଗ୍ରହୀ ଏବଂ ସେମାନଙ୍କୁ ଠିକା କାମ ନ ମିଳିବାରୁ ଏହି ଭଳି ମିଥ୍ୟା ଅଭିଯୋଗ କରି ବଦନାମ କରୁଛନ୍ତି ବୋଲି କହିଛନ୍ତି। ଭାରାପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଜି.ହରିଜନଙ୍କୁ ପଚାରିବାରୁ ଇକୋ ଟୁରିଜିମ୍ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ଏବେଯାଏ ଆସିନାହିଁ। ଏବେ ଡିୟର ପାର୍କ ମରାମତି କାମ ଚାଲିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କୋରାପୁଟରେ ମହୁଚାଷ କର୍ମଶାଳା



କୋରାପୁଟ,୧।୧୧(ଅମିତାଭ ବେହେରା)

କୋରାପୁଟ ଜିଲାରେ ମହୁ ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ମହୁ ଚାଷ ନେଇ ଦିନିକିଆ କର୍ମଶାଳା କରାଯାଇଛି। ଆନ୍ତର୍ଜାତୀୟ ବଜାରରେ ମହୁର ଚାହିଦା ରହିଛି। ଭାରତରେ ମହୁ ଯୋଗାଇବା ଭଳି ଭିତ୍ତିଭୂମି ରହିଛି। କୋରାପୁଟ ଜିଲା ଭଳି ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଅଞ୍ଚଳରେ ସ୍ୱଚ୍ଛ ମହୁ ଚାଷ ସମ୍ପର୍କରେ ସଚେତନତା ସୃଷ୍ଟି କରି ଉନ୍ନତ ମାନର ମହୁ ଉତ୍ପାଦନ କରିବା ଯୋଜନା ରହିଛି ବୋଲି ଉତ୍ତରପ୍ରଦେଶ ଲକ୍ଷ୍ନୌସ୍ଥିତ ସିଏସ୍ଆଇଆର ଗବେଷଣା କେନ୍ଦ୍ରର ବୈଜ୍ଞାନିକ ସୌମିତ କୁମାର ବେହେରା ସୂଚନା ଦେଇଛନ୍ତି। ମହୁ ରପ୍ତାନୀ ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ତାଲିମ ଦିଆଯାଇଛି। ତାଲିମ ନେଇଥିବା ଚାଷୀଙ୍କୁ ମହୁ ମାଛି ଓ ବାକ୍ସ ଆଦି ଦିଆଯିବ ବୋଲି ଜଣାପଡ଼ିଛି। ଜିଲାରେ ଏବେ ୬ ବ୍ଲକ ର ୧୦୦ ମହିଳା ଓ ପୁରୁଷ ଚାଷୀ ଙ୍କୁ ତାଲିମ ଦିଆଯାଇ ଜିଲାରେ ୧ ମେଟ୍ରିକ ଟନ ମହୁ ଉତ୍ପାଦନ କରିବା ଲକ୍ଷ୍ୟ ରହିଛି ବୋଲି ଓରମାସ ଡେପୁଟି ସିଇଓ ରୋଷନ କାର୍ତ୍ତିକ କହିଛନ୍ତି। ପୂର୍ବେ କୋରାପୁଟ ମହୁ ଚାଷ ପାଇଁ ଖ୍ୟାତି ଅର୍ଜନ କରିଥିବାବେଳେ ବର୍ତ୍ତମାନ ପ୍ରାକୃତିକ ଜଙ୍ଗଲର ପରିମାଣ କମିଥିବାରୁ ମହୁ ମାଛି ପାଇଁ ମଧୁ ସଂଗ୍ରହ କରିବା କମିଯାଇଛି ବୋଲି ମହୁ ଚାଷୀ ନିତାଇ ଚରଣ ଦଳାଇ ଜଣାଇଛନ୍ତି। ମହୁଚାଷୀ, କୃଷକ ଉତ୍ପାଦକ କମ୍ପାନୀ ସେମାନଙ୍କ ଅନୁଭୂତି, ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମତ ଦେଇଛନ୍ତି।

### ମଦମୁକ୍ତ ଗ୍ରାମ କରିବାକୁ ଭାଙ୍ଗିଦେଲେ ଭାଟି

ଲକ୍ଷ୍ମୀପୁର, ୧।୧୧ (ଅନନ୍ତ ନାୟକ)

ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ା ପଞ୍ଚାୟତ ତାଳଚମ୍ପି ଗ୍ରାମରେ ଦେଶୀ ମଦ ବ୍ୟବସାୟ ଚାଲିଛି। ଏହା ବିରୋଧରେ ଗ୍ରାମର ଯୁବଗୋଷ୍ଠୀ ଏକାଠି ହୋଇ ମଦଭାଟି ଭାଙ୍ଗିବା ସହ ପ୍ରାୟ ୫୦୦ ଲିଟର ମଦ ପୋଚ ନଷ୍ଟ କରିଛନ୍ତି। ଆଗାମୀ ଦିନରେ ଗ୍ରାମରେ ସମ୍ପୂର୍ଣ୍ଣ ମଦ ବ୍ୟବସାୟକୁ ବିରୋଧ କରାଯିବା ସହ ମଦ ମୁକ୍ତ ଗ୍ରାମ କରାଯିବ ବୋଲି ତାଳଚମ୍ପି ଗ୍ରାମର ଯୁବ ଗୋଷ୍ଠୀ କହିଛନ୍ତି। କିଛିଦିନ ତଳେ ନିଶାସକ୍ତ ଅବସ୍ଥାରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ଦେଇଥିଲେ। ଅଳ୍ପ ଦିନ ତଳେ ଅନ୍ୟଜଣେ ଯୁବକ ରେଳ ଧାରଣାରେ ଆତ୍ମହତ୍ୟା କରିଥିଲେ। ଏହି ବିଷୟକୁ କେନ୍ଦ୍ର କରି ଦିନକୁ ଦିନ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାରୁ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଗ୍ରାମର ଯୁବତୀ ଯୁବକ କହିଛନ୍ତି। ପୂର୍ବରୁ ବ୍ୟବସାୟୀଙ୍କୁ ମଦ ବିକ୍ରୀ ବନ୍ଦ କରିବା ପାଇଁ ଚେତାବନୀ ଦେଇଥିଲେ। ଚେତାବନୀକୁ ବେଖାତିର କରି ବ୍ୟବସାୟୀମାନେ ମଦ ବିକ୍ରୀ କରୁଥିବାରୁ ବାଧ ହୋଇ ମଦଭାଟି ଭଙ୍ଗା ଯାଇଛି ବୋଲି ଯୁବଗୋଷ୍ଠୀ କହିଛନ୍ତି।

# ପୁଟ୍‌ସିଲ୍‌ରେ ଆରମ୍ଭ ହେଲା ଇକୋ ରିଟ୍ରିଟ୍

## ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କୋରାପୁଟ,୧।୧୧(ଅମିତାଭ ବେହେରା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନଫରେନ୍ସରେ କୋରାପୁଟ ଜିଲାର ପୁଟସିଲରେ ଇକୋ ରିଟ୍ରିଟ୍ ଉଦ୍‌ଘାଟନ କରାଯାଇଛି। ଏହି ଉପଲକ୍ଷେ କୋରାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି, ଓଡ଼ିଶା ସରକାରଙ୍କ ଟୁରିଜିମ ବିଭାଗ ଆଡିସନାଲ ସେକ୍ରେଟାରି ଅନନ୍ତ ନାରାୟଣ ସିଙ୍ଗ ନାଗୁରି, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକା, ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ବିଡିଓ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। କୋରାପୁଟ ଜିଲାର ଶୀତ ସହ ପାହାଡ଼ ଜଙ୍ଗଲର ପ୍ରାକୃତିକ



କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଦେଓମାଳି ପାଦଦେଶରେ ପୁଟିଶିଲ ଇକୋ ରିଟ୍ରିଟ୍ ସଜେଇ ହୋଇଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଚଳିତବର୍ଷ ହେଉଥିବା ଏହି ଇକୋ ରିଟ୍ରିଟ୍ ଜରିଆରେ ଉଭୟ ଦେଶ ଓ ବିଦେଶର ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ୨୮ଟି କଟେଜ ନିର୍ମାଣ କରାଯାଇଛି। ଇକୋ ରିଟ୍ରିଟ୍ ତଥା ପଯ୍ୟଟନ ୱେବସାଇଟ୍‌ରେ ଏହି କଟେଜ ବୁକିଂ ବ୍ୟବସ୍ଥା ହୋଇଛି। କଟେଜର ଦୈନିକ ଦର ୬ ହଜାରରୁ ୮ ହଜାର ମଧ୍ୟରେ ରହିବ ବୋଲି ପର୍ଯ୍ୟଟକ ବିଭାଗ ପକ୍ଷରୁ ଜଣାଯାଇଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମୀକ୍ଷା ବୈଠକ

ସୁନାବେଡ଼ା, ୧।୧୧(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌରପରିଷଦ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ପୌରାଧ୍ୟକ୍ଷ ଡ଼. ରାଜେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ଅର୍ବାନ ହାଉସିଂ ମିଶନ ଏସ୍ଏଲ୍‌ଟିସି ପାର୍ଥ ସାରଥି ସାହୁ ଯୋଗଦେଇ ଆବାସ ଯୋଜନାର ନିୟମାବଳୀ ସହ ହିତାଧିକାରୀଙ୍କ ଚୟନରୁ ଆରମ୍ଭ କରି ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ଆବାସ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଛି।

ପୌରପରିଷଦର ମୋଟ ୨୫ ୱାର୍ଡରେ ୩୮୧୦ ଜଣଙ୍କୁ ଆବାସ ଯୋଜନା ମାଧ୍ୟମରେ କାର୍ଯ୍ୟାଦେଶ ଦିଆଯାଇଛି। ସେଥିମଧ୍ୟରୁ ୨୨୮୯ଜଣ ହିତାଧିକାରୀ ଗୃହକାର୍ଯ୍ୟ ଶେଷ କରିଥିବା ବେଳେ ୧୪୨୭ ଜଣଙ୍କ ନିର୍ମାଣ କାମ ଚାଲିଛି। ୯୪ ହିତାଧିକାରୀ ଏପର୍ଯ୍ୟନ୍ତ କାମ ଆରମ୍ଭ କରି ନ ଥିବା ସେ କହିଛନ୍ତି। ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ନ ସରିଲେ ତଥା ବିନିଯୋଗ ପ୍ରମାଣପତ୍ର ଠିକ୍ ସମୟରେ ଦିଆ ନ ଗଲେ ଆଗାମୀ ଦିନରେ ଏହି ପରିଷଦକୁ ଆବାସ ଯୋଜନାର ଅନୁଦାନ ବନ୍ଦ ହେବା ନେଇ ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଅନୁଦାନ ଅର୍ଥ କାର୍ଯ୍ୟକାରି ନ ହୋଇ ବଳିପଡ଼ିଲେ ତାହାକୁ ସରକାର ଫେରାଇ ନେବାକୁ ବାଧ୍ୟ ବୋଲି କୁହାଯାଇଛି। ଯେଉଁ ହିତାଧିକାରୀ କାର୍ଯ୍ୟଦେଶ ପାଇ ଘର କାମ କରି ନାହାନ୍ତି ସେମାନଙ୍କ କାର୍ଯ୍ୟାଦେଶ ବାତିଲ ସହିତ ଉକ୍ତ ହିତାଧିକାରୀଙ୍କ ନାମକୁ ଆବାସ ଯୋଜନା ତାଲିକାରୁ ବାଦ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପରିଷଦର ବିଭିନ୍ନ ୱାର୍ଡ ସରଜମିନ୍ ତଦନ୍ତ କରିବା ପରେ ଏପରି ଉଲଘଂନ କରାଯାଇଥିବା ଜଣାପଡ଼ିଛି। ଏଥିସହିତ ଅଧାରୁ କାମ ବନ୍ଦ ରଖିଥିବା ହିତାଧିକାରୀଙ୍କୁ ଶୀଘ୍ର କାମ ସାରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ଉପାଧ୍ୟକ୍ଷା ତୁ କଣ୍ଟା ଓ ସମସ୍ତ ପାରିଷଦ ବର୍ଗ ଉପସ୍ଥିତ ଥିଲେ। ସିଏଲ୍‌ଟିସି ସୁଶାନ୍ତ ସ୍ୱାଇଁ ଏବଂ ସାର୍ଥକ କୁମାର ଖରା ସହଯୋଗ କରିଥିଲେ।



# ନୂତନ ଧାନ ବିକ୍ରୟ କେନ୍ଦ୍ରରେ ମଣ୍ଡି କରିବା ଦାବି


ଦାବି ଜଣାଇବାକୁ ଆସିଥିବା ଚାଷୀମାନେ।

ଜୟପୁର, ୧।୧୧(ପବନ ପାଣିଗ୍ରାହୀ)

ନୂତନ ଧାନ ବିକ୍ରୟ କେନ୍ଦ୍ରରେ ମଣ୍ଡି କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ ଜୟପୁର ବ୍ଲକ କଙ୍ଗା ପଞ୍ଚାୟତର ଚାଷୀମାନେ ଏକାଠି ହୋଇ ଉପଜିଲାପାଳଙ୍କ କାଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଜୟପୁର ବ୍ଲକ ଅଧୀନ କଙ୍ଗା ପଞ୍ଚାୟତରେ ପୂର୍ବ ମଣ୍ଡି ସ୍ଥାନରେ ଥିବା କୋଠା ଓ ବାରଣ୍ଡାଗୁଡିକ ଭାଙ୍ଗି ନଷ୍ଟ ହୋଇ ଗଲାଣି। ସେଠାରେ ଧାନ ରଖିବା ପାଇଁ ସୁବିଧା ନାହିଁ। ଉକ୍ତ ସ୍ଥାନକୁ ଯିବା ପାଇ ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି। ରାସ୍ତାରେ ବଡ ବଡ ଖାଲ ହୋଇ ଧାନ ବୋଝେଇ ଯାନବାହାନ ଗୁଡିକ ଯିବା ପାଇଁ ସମ୍ଭବ ନୁହେଁ। ଏମିତି କି ଧାନ ବୋଝେଇ ଟ୍ରାକ୍ଟର ମଧ୍ୟ ଓଲଟି ପଡୁଛି। ବର୍ତ୍ତମାନ ଆର୍‌ଏମ୍‌ସି ପକ୍ଷରୁ କଙ୍ଗା ପଞ୍ଚାୟତରେ ଏକ ଧାନ ବିକ୍ରୟ କେନ୍ଦ୍ର ସ୍ଥାନ କରାଯାଇଛି। ସେଠାରେ ଚଳିତ ବର୍ଷର ମଣ୍ଡି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ରାମ ନାୟକ, ଦିବାକର ଗାଦବା, ସମ୍ବାରୁ ପୁଜାରୀ, ସଦା ଗାଦବାଙ୍କ ସମେତ ଅନ୍ୟଚାଷୀମାନେ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ନକଲ ଜୟପୁର ବିଧାୟକଙ୍କୁ ପ୍ରଦାନ କରାଯାଇଛି।

### ଜାଗା ଖାଲିକରିବାକୁ ଜବରଦଖଲକାରୀଙ୍କୁ ନୋଟିସ

ଜୟପୁର, ୧।୧୧(ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳର ହାନାଗୁଡ଼ାରେ ସରକାରୀ ଜାଗା ଜବର ଦଖଲ ହୋଇଛି। ଏ ନେଇ ବୁଧବାର ଜୟପୁର ପୌରପାଳିକା ପକ୍ଷରୁ ନୋଟିସ ଜାରି କରାଯାଇଛି। ଯେଉଁମାନେ ଘରେ ନ ଥିଲେ ସେମାନଙ୍କ ଘର ସମ୍ମୁଖରେ ଉକ୍ତ ନୋଟିସ ଟଙ୍ଗା ଯାଇଛି। ସାତ ଦିନ ଭିତରେ ଜବର ଦଖଲରୁ ନ ହଟିଲେ ପୌର ଆଇନ ଅନୁଯାଇ ଉଚ୍ଛେଦ ସହ ଶୃଙ୍ଖଳାଗତ କାର୍ଯନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା



ସୂଚନା ଦିଆଯାଇଛି। କଲ୍ୟାଣ ମଣ୍ଡପ ଓ ଗୃହପାଳିତ ପ୍ରାଣୀଙ୍କ ବନ୍ଧ୍ୟାକରଣ କେନ୍ଦ୍ର ପାଇଁ ପୌରପାଳିକା ପକ୍ଷରୁ ୬ ଏକର ଜାଗା ଚିହ୍ନଟ କରାଯାଇଛି। ଏହି କେନ୍ଦ୍ର ପାଇ ୧ କୋଟି ୨୦ ଲକ୍ଷ ଟଙ୍କାର ଡିପିଆର ମଧ୍ୟ ପ୍ରସ୍ତୁତ ହୋଇଛି। ୩୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ମଧ୍ୟ ବାହାରିବ। ସେହି ଜାଗାରେ ଅଞ୍ଚଳରବାସୀ ଜବର ଦଖଲ କରି ଘର ନିର୍ମାଣ କରୁଥିବା ସୂଚନା ପାଇ ପୌର କାର୍ଯ୍ୟନିର୍ବାହୀଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଆର୍‌ଆଇ ହାନାଗୁଡ଼ା ଯାଇ ସମୀକ୍ଷା କରିଥିଲେ। ଜବର ଦଖଲ ଉଚ୍ଛେଦ କରାଯାଇ କଲ୍ୟାଣ ମଣ୍ଡପ ଓ ବନ୍ଧ୍ୟାକରଣ କେନ୍ଦ୍ରନିର୍ମାଣ ହେବ ବୋଲି ପୌର କାର୍ଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ପରବକୁ ନେଇ ପ୍ରସ୍ତୁତି ବୈଠକ

କୋଟପାଡ଼,୧।୧୧(ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ପଞ୍ଚାୟତ ସମିତ କାର୍ଯ୍ୟାଳୟ ସଭାଗୃହରେ ୨୦୨୩ ପରବ ଜିଲାସ୍ତରୀୟ ଉଦ୍‌ଘାଟନ ଉତ୍ସବକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ବୈଠକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଲଳିତ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଥିଲା। ବୈଠକରେ ଜିଲାସ୍ତରୀୟ ପରବ ଉଦ୍‌ଘାଟନ କାର୍ଯ୍ୟକ୍ରମ ବୋରିଗୁମା ବ୍ଲକ ମଙ୍ଗଳା ମନ୍ଦିରରୁ ମସାଲ ବାହାରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏଥିରେ ସମସ୍ତ ବୁଦ୍ଧିଜୀବୀ ଓ ସରକାରୀ କର୍ମକର୍ତ୍ତା ଯୋଗଦେବା ଲାଗି ଆଲୋଚନା ହେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟିକା ପଦ୍ମିନୀ ଦିଆନ, ଆଦିବାସୀ ଉନ୍ନୟନ ଜିଲା ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, ବ୍ଲକ ଅଧ୍ୟକ୍ଷ କୋମଳା ଭତରା, ଉପାଧ୍ୟକ୍ଷ ବାବୁଲି ପାଣିଗ୍ରହୀ,ଏମ୍‌ପି ପ୍ରତିନିଧି ସୁଧୀର ମହାନ୍ତି ଓ ତ୍ରିପତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବୋରିଗୁମ୍ମାରୁ ମଶାଲ ସଂଗ୍ରହ କଲା ପରେ ବ୍ଲକସ୍ତରୀୟ ପରବ ପାଳନ ନିମନ୍ତେ ନିଷ୍ପତି ନିଆଯିବ ବୋଲି ଆଲୋଚନା ହେଇଥିଲା।

# ଲାଞ୍ଚ ନେବା, ଦେବା ଅପରାଧ

ଜୟପୁର, ୧।୧୧(ପବନ ପାଣିଗ୍ରାହୀ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଜୟପୁର ବ୍ଲକ ଅଧୀନ ଜାମୁଣ୍ଡାରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ପରେ ଜାମୁଣ୍ଡା ପଞ୍ଚାୟତ କାଯ୍ୟାଳୟରେ ଏକ ଗ୍ରାମସଭା କରାଯାଇଛି। ବୈଠକରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଜିପିଓ ପ୍ରଶାନ୍ତ ମିଶ୍ର, ଭିଜିଲାନ୍ସ ନୀରିକ୍ଷକ ସାବିତ୍ରୀ ପ୍ରଧାନ, ସରପଞ୍ଚ ମନଧର ଗାଦବା, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ



ଜାମୁଣ୍ଡାରେ ଆୟୋଜିତ ଗ୍ରାମସଭାରେ ମଞ୍ଚାସୀନ ଅତିଥି।

ଥିଲେ। କୌଣସି କାଯ୍ୟରେ ଲାଞ୍ଚ ନ ଦେବାକୁ ଗ୍ରାମବାସୀମାନଙ୍କୁ ସଚେତନ କରାଯାଇଥିଲା । ଲାଞ୍ଚ ନେବା ଓ ଦେବା ଅପରାଧ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍ଏଚ୍‌ଜି ମହିଳା, ମିଶନ ଶକ୍ତି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।


କୋରାପୁଟ ଜିଲା ପଟ୍ଟାଙ୍ଗି ବଣିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀଙ୍କ ଭସାଣି କରାଯାଉଛି।

# ଗାଁକୁ ପକ୍କାରାସ୍ତା ନ ହେଲେ ଭୋଟ ବର୍ଜନ ଚେତାବନୀ

## ଶ୍ରମଦାନ କରି ରାସ୍ତା ମରାମତିକଲେ ଗ୍ରାମବାସୀ

ଦଶମନ୍ତପୁର, ୧।୧୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ଼ ଗ୍ରାମପଞ୍ଚାୟତ ଅଧୀନରେ ଥିବା ଗୌଡ଼ ରାମଜି ଗାଁକୁ ଭଲ ରାସ୍ତା ନ ଥିବାରୁ ଗାଁକୁ ୪ ଚକିଆ ଯାନ ଆସିପାରୁ ନାହିଁ। ଏପରିକି ଗାଁକୁ ଆମ୍ବୁଲାନ୍ସ ଆସିବାକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ରୋଗୀ,ଗର୍ଭବତୀଙ୍କୁ ସ୍ଥାନୀୟ ଦଶମନ୍ତପୁର କିମ୍ବା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମ୍ମା ଚିକିତ୍ସାଳୟକୁ ନେବାକୁ ହେଲେ ଦୋଳା କିମ୍ବା ଭାର ସାହାଯ୍ୟରେ ଗାଁଠାରୁ ପ୍ରାୟ ଦେଢ଼ କି.ମି. ଦୂର ବୋହି ନେବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ ଜଣାଇଛନ୍ତି। ପିଡବ୍ଲୁଡି ଛକ ଠାରୁ ପ୍ରାୟ ଦେଢ଼ କି.ମି. ଦୂର ଗୌଡ ରାମଜି ଗାଁକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଗାଁ ଲୋକେ ବୁଧବାର ଦେଢ଼ କି.ମି. ଦୂରତା ଯାଏଁ ନିଜେ ଶ୍ରମଦାନ କରି ରାସ୍ତା ମରାମତି କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଗ୍ରାମକୁ ପକ୍କାରାସ୍ତା ନିର୍ମାଣ କରା ନ ଗଲେ ଆମେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି


ଗ୍ରାମବାସୀ ଶ୍ରମଦାନ କରି ରାସ୍ତା ମରାମତି କରୁଛନ୍ତି।

ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗୌଡ଼ ରାମଜି ଗ୍ରାମରେ ୨ ସମ୍ପ୍ରଦାୟର ମୋଟ ୩୫ ପରିବାର ବସବାସ କରୁଛନ୍ତି। କମାରସାହିରେ ୨୦ ଓ ଆଦିବାସୀ ସାହିରେ ୧୫ ପରିବାର ରହୁଥିବାବେଳେ ଗାଁକୁ ପକ୍କା ରାସ୍ତା ନ ଥିବାରୁ ସେମାନେ ବହୁ ହଇରାଣ ହେଉଛନ୍ତି। ପକ୍କାରାସ୍ତା ନିର୍ମାଣ ପାଇଁ ଆମେ ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ଯାଏଁ ଲିଖିତ ଓ ମୌଖିକ ଭାବେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରଶାସନ କିମ୍ବା ରାଜନେତାଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମର କାର୍ତ୍ତିକ କମାର, ରତି କମାର, ସୋଭା କମାର, ଗଙ୍ଗା କମାର, ଜଗ ସାଉଁତା, ସଦା ଜାନୀ, ହରି କମାର କହିଛନ୍ତି। ଏପରିକି ରାସ୍ତା ନିର୍ମାଣ ପାଇଁ ଆମେ ପଲ୍ଲିସଭାଠାରୁ ଆରମ୍ଭକରି ଗ୍ରାମସଭାରେ ବହୁବାର ଅଭିଯୋଗ କରି ଆସୁଛୁ। ହେଲେ କୌଣସି ସୁଫଳ ନ ମିଳିବାରୁ ଆମେ ବାଧହୋଇ ୨ ସାହିର ଲୋକ ଏକ ବୈଠକ କରି ପ୍ରତ୍ୟେକ ଘରୁ ଜଣେ ଲେଖାଏ ମିଶି ନିଜସ୍ୱ ଇଚ୍ଛାରେ ଶ୍ରମଦାନ କରି ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଫଳରେ ଗ୍ରାମବାସୀ ମିଶିକି ଶ୍ରମଦାନ କରି ଗାଁ ନିକଟସ୍ଥ ସର୍ଗି ଖେନ୍ଦା ଘାଟିଠାରୁ ରାସ୍ତା ମରାମତି କରିଥିବା ଗ୍ରାମବାସୀ କହିଛନ୍ତି।

# ଫାଟୁସିନେରିରେ ସମନ୍ୱିତ ସେବା ଶିବିର

ପଟ୍ଟାଙ୍ଗି, ୧।୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତସ୍ଥିତ ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଫାଟୁସିନେରି ଗ୍ରାମରେ ବୁଧବାର ସମନ୍ୱିତ ସେବା ଶିବିର କରାଯାଇଛି। ଏଥିରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ଅନ୍ୟ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ପରାମର୍ଶ ଓ ସହାୟତା ଦିଆଯାଇଛି।

ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଚିକିତ୍ସା ଶିବିରରେ ଫାଟୁସିନେରି, ଫଗୁଣସିନେରି, ଢୋଲିଆମ୍ବ, କଣାଦୋରା ଓ ସଲପଗୁଡ଼ା ପ୍ରମୁଖ ସୀମାନ୍ତ ଗ୍ରାମରୁ ୪୦୦ ଲୋକ ନାମ ପଞ୍ଜୀକରଣ କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ୧୭ଜଣ ବୃଦ୍ଧାବୃଦ୍ଧଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ବ୍ୟବହାର କରିବାକୁ ଡାକ୍ତରୀ ଦଳ ପରାମର୍ଶ ଦେଇଛନ୍ତି। ଏଥିସହ ୪୨ ଜଣଙ୍କୁ ଶୀତବସ୍ତ୍ର, ୫୪ ଜଣଙ୍କୁ ରୋଷେଇ ଉପକରଣ, ୧୩୦ ଜଣଙ୍କୁ କୁକୁଡ଼ା ଚିଆଁ, ୧୭ ଜଣଙ୍କୁ ଶ୍ରମିକ କାର୍ଡ, ୩୭ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପୋଷାକ ଆଦି ବଣ୍ଟନ କରାଯାଇଛି। ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ୪୮ ଗୋରୁଙ୍କୁ ପରୀକ୍ଷା କରି ବିଭିନ୍ନ ରୋଗ ପାଇଁ ଔଷଧ ଦିଆଯାଇଛି।



ଶିବିରରେ ସାମିଲ ହୋଇଥିବା ଗ୍ରାମବାସୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଆସ ଖୋଜିବା କାର୍ଯ୍ୟକ୍ରମ ମାଧ୍ୟମରେ ୩୨ ଜଣଙ୍କୁ ନୂତନ ପେନ୍‌ସନ ପ୍ରଦାନ କରାଯାଇଛି। ବୁଧବାର ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ବିଡିଓଙ୍କ ସମେତ ପଟ୍ଟାଙ୍ଗି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ , ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, କୋଟିଆ ପଞ୍ଚାୟତ ସରପଞ୍ଚ ଲିୟୁ ଗେମେଲ ପ୍ରମୁଖ ଯୋଗ ଦେଇଥିଲେ। ଏପିଓ ସୌମେନ୍ଦ୍ର ନାୟକ, ବିଏସ୍‌ଏସ୍‌ଓ

■ ୪୦୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା
■ ୧୨ ଦିନ ପୂର୍ବେ ଉକ୍ତ ଗାଁରେ ଆନ୍ଧ୍ର କରିଥିଲା ମେଗା ସ୍ୱାସ୍ଥ୍ୟ ଶିବିର

ସୁଧୀର କୁମାର ସାହୁ , ପିଇଓ କଣ୍ଡା ଗୋଲରି ପ୍ରମୁଖଙ୍କ ସମେତ ବ୍ଲକ କର୍ମଚାରୀ ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସୂଚନାନୁଯାୟୀ, ଫାଟୁସିନେରି ଗ୍ରାମରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଗତ ୨୧ ତାରିଖରେ ଜଗନ୍ ଆରୋଗ୍ୟ ସୁରକ୍ଷା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଆନ୍ଧ୍ର ସରକାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଯୋଗାଇ ଦେଇଥିଲେ। ଏହାର ୧୨ ଦିନ ପରେ ପୁଣି ସେହି ଗ୍ରାମରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର କରାଯାଇ ଔଷଧ ଦିଆଯାଇଛି। ୨ ରାଜ୍ୟ ପକ୍ଷରୁ ଲୋକଙ୍କୁ ମାଗଣା ଔଷଧ ମିଳିଛି। ଏବେ ସେମାନେ କେଉଁ ଔଷଧ ବ୍ୟବହାର କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି।

